CMYK

• Vol.- 45, Issue No. 347
• Saturday, 21 March 2026
• ଶନିବାର, ୨୧ ମାର୍ଚ୍ଚ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ନାଟୋ 'କାଗଜ ବାଘ': ଟ୍ରମ୍ପ

## ଆମେ ସାହାଯ୍ୟ କରୁଛୁ ମାତ୍ର ସମର୍ଥନ ପାଉନାହୁଁ

ନୂଆଦିଲ୍ଲୀ, ୨୦।୩: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ଷ୍ଟ୍ରେଟ୍ ଜାହାଜ ପଥକୁ ନିୟନ୍ତ୍ରଣ କରିବା ପାଇଁ ଇରାନ ବିରୋଧରେ ସାମରିକ ସହାୟତା ପାଇଁ ତାଙ୍କର ଦାବିକୁ କର୍ଣ୍ଣପାତ କରୁ ନ ଥିବା ଆମେରିକାର ସହଯୋଗୀମାନଙ୍କୁ 'କାପୁରୁଷ' ବୋଲି



କହିଛନ୍ତି। 'କାପୁରୁଷ, ସେମାନଙ୍କୁ ଆମେ ଏପରି ମନେ ରଖିବୁ!' ଟ୍ରମ୍ପ ତାଙ୍କ ଟ୍ରୁଥ ସାମାଜିକ ପ୍ଲାଟଫର୍ମରେ ଏପରି ପୋଷ୍ଟ କରିଛନ୍ତି। ନାଟୋ ଉଦ୍ଦେଶ୍ୟରେ ଏପରି ପ୍ରତିକ୍ରିୟା ସେ ପ୍ରକାଶ କରିଛନ୍ତି। ଏଥିରେ ଲେଖିଛନ୍ତି ଯେ ସହଯୋଗୀମାନେ ତୈଳ ମୂଲ୍ୟ ବୃଦ୍ଧି ବିଷୟରେ 'ଅଭିଯୋଗ' କରିଥାନ୍ତି । କିନ୍ତୁ ହର୍ମୁଜ୍ ଷ୍ଟ୍ରେଟ୍ ଖୋଲିବାରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି ସେମାନେ। ରିପବ୍ଲିକାନ୍ ନେତାମାନେ ଏହି ଅଞ୍ଚଳର ତୈଳ ରପ୍ତାନିରେ ଏକ ଅବରୋଧକୁ କମ୍ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ସୁରକ୍ଷିତ ରଖିବା ପାଇଁ ସହଯୋଗୀମାନଙ୍କୁ ଚାପ ପକାଇ ଆସୁଛନ୍ତି, 'ଆମେ ନାଟୋକୁ 'ଏତେ ସାହାଯ୍ୟ' କରୁଛୁ। ଏହା ସତ୍ତ୍ୱେ ଆମେରିକା ସମର୍ଥନ ପାଇ ପାରୁନାହିଁ । ଇରାନକୁ ପରମାଣୁ ଅସ୍ତ୍ର ସୁରକ୍ଷିତ କରିବାରୁ ରୋକିବା ସହଯୋଗୀଙ୍କ ସ୍ୱାର୍ଥରେ ବୋଲି କ୍ରୁଦ୍ଧ ହୋଇ ଟ୍ରମ୍ପ କହିଛନ୍ତି। ଅନ୍ତର୍ଜାତୀୟ ମାନଦଣ୍ଡ, ବ୍ରେଣ୍ଟ୍ ଅଶୋଧିତ ତେଲ, ଯୁଦ୍ଧ ସମୟରେ ବୃଦ୍ଧି ପାଇଛି ଏବଂ ଶୁକ୍ରବାର ପ୍ରତି ବ୍ୟାରେଲ ପ୍ରାୟ ୧୦୮ ଡଲାର ଥିଲା, ଯାହା ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ପ୍ରାୟ ୭୦ଡଲାର ପ୍ରତି ବ୍ୟାରେଲ ଥିଲା। ବୃଦ୍ଧି ପାଉଥିବା ଇନ୍ଧନ ମୂଲ୍ୟ ଏପରି ଏକ ମୁହୂର୍ତ୍ତରେ ଆସିଛି ଯେତେବେଳେ ଅନେକ ବିଶ୍ୱ ନେତା ଖାଦ୍ୟ ଏବଂ ଅନେକ ଉପଭୋକ୍ତା ସାମଗ୍ରୀର ଉଚ୍ଚ ମୂଲ୍ୟ ହ୍ରାସ କରିବା ପାଇଁ ସଂଘର୍ଷ କରୁଛନ୍ତି। ହରମୁଜ୍ ପ୍ରଣାଳୀ ଦେଇ ବାହାରୁଥିବା ଅଧିକାଂଶ ତେଲ ଏବଂ ଗ୍ୟାସ ପରିବହନ ହେଉଥିବାରୁ ଏସିଆ ଗୁରୁତର କ୍ଷତିଗ୍ରସ୍ତ ହେଉଛି।

### ଷଷ୍ଠ ଭାରତୀୟ ମୃତ
### ୨୨ ଭାରତୀୟ ଜାହାଜ ପାଇଁ ବାଟ ଫିଟିଲା

ନୂଆଦିଲ୍ଲୀ, ୨୦।୩: ସାଉଦି ଆରବର ରାଜଧାନୀରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର କହିଛି, ପଶ୍ଚିମ ଏସିଆ ସଂଘର୍ଷରେ ମୋଟ ଭାରତୀୟଙ୍କ ମୃତ୍ୟୁ ସଂଖ୍ୟା ଛଅକୁ ବୃଦ୍ଧି ପାଇଛ। ଯଦିଓ ନୂଆଦିଲ୍ଲୀ ଏହି ଅଞ୍ଚଳରେ ବାସ କରୁଥିବା ୧୦ ନିୟୁତ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଉଛି। ଏହା ସାଉଦି ଆରବରେ ପ୍ରଥମ ଭାରତୀୟଙ୍କ ମୃତ୍ୟୁ, ଯାହା ରିପୋର୍ଟ ହୋଇଛି। ମେରିଟାଇମ ଡାଟା ଓ ଇଣ୍ଟେଲିଜେନିସ କଂପାନୀ ଲଏଡସ ଲିଷ୍ଟ ଇଣ୍ଟେଲିଜେନସ ରିପୋର୍ଟ ଅନୁଯାୟୀ ହର୍ମୁଜ ଜଳପଥ ଦେଇ ୨୨ ଟି ଭାରତୀୟ ଜାହାଜ ଫେରିବାର କାର୍ଯ୍ୟକ୍ରମ କରିଛି। ସେଥିରୁ ୯ଟି ଜାହାଜ ଏହି କରିଡର ଦେଇ ବାହାରିଲେଣି।

## ଆଇଆର୍‌ଜିସି ମୁଖପାତ୍ର ନୈନିଙ୍କ ମୃତ୍ୟୁ

### ସପ୍ତାହରେ ଗଡ଼ିଲାଣି ୪ ବଡ଼ ମୁଣ୍ଡ



ନୂଆଦିଲ୍ଲୀ, ୨୦।୩ : ମଧ୍ୟପ୍ରାଚ୍ୟର ଯୁଦ୍ଧର ଘନଘଟା ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ଗୋଟିଏ ପଟେ ଇରାନ ଅପରପକ୍ଷେ ଇସ୍ରାଏଲ ଓ ଆମେରିକା। ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିବା ବେଳେ ଇରାନକୁ ବଡ଼ ଝଟକା ଲାଗିଛି । ଇରାନ ସରକାରୀ ଗଣମାଧ୍ୟମ ସୂଚନା ଅନୁସାରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ହୋଇଥିବା ଆକ୍ରମଣରେ ଆଇଆର୍‌ଜିସିର ମୁଖପାତ୍ର ଅଲି ମହମ୍ମଦ ନୈନିଙ୍କର ମୃତ୍ୟୁ ହୋଇଛି । ଆଇଆରଜିସି ହେଉଛି ଇରାନର ସବୁଠାରୁ ଶକ୍ତିଶାଳୀ ସାମରିକ ତଥା ଅର୍ଥନୈତିକ ପ୍ରତିଷ୍ଠାନ । ଏହା ସିଧାସଳଖ ସର୍ବୋଚ୍ଚ ନେତାଙ୍କୁ ରିପୋର୍ଟ କରେ। ଗତ ୧୭ ତାରିଖରେ ଇରାନ ସର୍ବୋଚ୍ଚ ସୁରକ୍ଷା ମୁଖ୍ୟ ଲାରିଜାନି ନିହତ ହୋଇଥିଲେ। ଆଇଆରଜିସି ପ୍ରବକ୍ତା ଅଲି ମହମ୍ମଦ ନୈନିଙ୍କ ମୃତ୍ୟୁ ଇରାନ ନେତୃତ୍ୱ ପାଇଁ ଚତୁର୍ଥ ବଡ଼ କ୍ଷତି। ଗତ କିଛିଦିନ ମଧ୍ୟରେ ଇରାନ ୩ ଜଣ ପ୍ରଭାବଶାଳୀ ଅଧିକାରୀ ଯଥା: ପୂର୍ବତନ ସାଂସଦ ବରିଷ୍ଠ ବାଚସ୍ପତି ଏବଂ ବରିଷ୍ଠ ପରାମର୍ଶଦାତା ଅଲି ଲାରିଜାନି, ବାସିଜ ସ୍ୱେଚ୍ଛାସେବକ ବାହିନୀର ମୁଖ୍ୟ ସୁଲେମାନି ଏବଂ ଇରାନର ଗୁପ୍ତଚର ମନ୍ତ୍ରୀ ଇସମାଇଲ ଖାତିବଙ୍କୁ ଯୁଦ୍ଧରେ ହରାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ସ୍କିମାଟିକ୍ ଜୁନିଅର ଶିକ୍ଷକ ହେଲେ ନିୟମିତ

- ଜାନୁଆରୀ ପହିଲାରୁ ଦରମା ଓ ଅନ୍ୟାନ୍ୟ ସୁବିଧା ପାଇବେ
- ଉପକୃତ ହେଲେ ୧୩ ହଜାରରୁ ଅଧିକ ଶିକ୍ଷକ



ଭୁବନେଶ୍ୱର, ୨୦।୩ (ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିଛନ୍ତି। ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ଉପକୃତ ହୋଇଛନ୍ତି। ଏହି ଶିକ୍ଷକମାନେ ସେମାନଙ୍କର ଚାକିରିରେ ଯୋଗଦାନ ସମୟ ଠାରୁ ନିୟମିତ ହୋଇଛନ୍ତି। ୨୦୨୬ ଜାନୁୟାରୀ ପହିଲା ଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ ଯେ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ଆଜି ଏହି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

## ପ୍ରିମିୟମ୍ ପେଟ୍ରୋଲ ମୂଲ୍ୟ ବଢ଼ିଲା

### ନିୟମିତ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୨୦।୩: ମଧ୍ୟପ୍ରାଚ୍ୟ ବିବାଦ ଯୋଗୁଁ ବିଶ୍ୱବ୍ୟାପୀ ଶକ୍ତି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହା ମଧ୍ୟରେ, ଭାରତରେ ପ୍ରିମିୟମ୍ ପେଟ୍ରୋଲର ମୂଲ୍ୟ ୨.୩୫ ପର୍ଯ୍ୟନ୍ତ ବୃଦ୍ଧି



କରାଯାଇଛି, ଏହା ୨୦ ମାର୍ଚ୍ଚରୁ ଲାଗୁ ହୋଇଥିବା ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ବି ପି ସି ଏ ଲ ର ସ୍ପିଡ୍, ଏଚପିସିଏଲର ପାୱାର ଏବଂ ଆଇଓସିଏଲର ଏକ୍ସପି ୯୫ ର ମୂଲ୍ୟ ଲିଟର ପିଛା ୨.୦୯ ରୁ ୨.୩୫ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ହେଲେ, ବର୍ତ୍ତମାନ ନିୟମିତ ପେଟ୍ରୋଲର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଫେବୃଆରୀ ୨୮ ରେ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ରର ଏକ ବଡ଼ ବିନିମୟ ଆରମ୍ଭ ହୋଇଛି। ଯାହା ସମଗ୍ର ଉପସାଗରୀୟ ଅଞ୍ଚଳକୁ ପ୍ରଭାବିତ କରିଛି ଏବଂ ବିଶ୍ୱର ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସର ଏକ-ପଞ୍ଚମାଂଶ ବହନ କରୁଥିବା ପ୍ରମୁଖ ଜଳପଥ ହର୍ମୁଜ୍ ପ୍ରଣାଳୀକୁ ପ୍ରାୟ ବନ୍ଦ କରିଦେଇଛି। ମୋହାଲି ପେଟ୍ରୋଲ ପମ୍ପ ଆସୋସିଏସନ ପଞ୍ଜାବର ସଭାପତି ଅର୍ଶବିନ୍ଦର ମୋଙ୍ଗିଆ ମଧ୍ୟ ମୂଲ୍ୟ ବୃଦ୍ଧିକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ପୂର୍ବରୁ ପ୍ରିମିୟମ୍ ପେଟ୍ରୋଲର ଦର ୧୦୫.୧୬ ଥିଲା ଏବଂ ଏବେ ଏହା ୧୦୭.୧୩ ଟଙ୍କାରେ ଅଛି।

### 'ପଖାଳ ପରବ'ରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

## ନିଜ ମାଟି ସହିତ ବିଶ୍ୱକୁ ଯୋଡୁଛି ପଖାଳ

- ଆମ ସଂସ୍କୃତି ଓ ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ
- ଆକର୍ଷିତ କଲା ପର୍ଯ୍ୟଟନ ବିଭାଗର ୧୧୭୭ କିଲୋଗ୍ରାମର ପଖାଳ
- ୧୫ ରାଷ୍ଟ୍ରରୁ ଆଭାସୀ ମାଧ୍ୟମରେ ଯୋଡ଼ି ହେଲେ ପ୍ରବାସୀ ଓଡ଼ିଆ



ଭୁବନେଶ୍ୱର, ୨୦।୩(ନିପ୍ର): ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ 'ପଖାଳ'ର ଲୋକପ୍ରିୟତାକୁ ଆହୁରି ବଢାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥନିବାସ ଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା। ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନ ଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ। ସେ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ। ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି। ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି। ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି। ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର, ସମେତ ୧୫ ଟି ରାଷ୍ଟ୍ରରୁ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ପ୍ରବାସୀ ଓଡ଼ିଆ ମାନଙ୍କ ସହ କଥା ହୋଇଥିଲେ। ବିଶେଷକରି ଗିନିଜ ବୁକ ଅଫ ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା।




ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

DADLS-88



ଇଦ୍-ଉଲ୍-ଫିତର ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


CMYK

# ତୁମେ କେବଳ ସାକ୍ଷୀ ସ୍ୱରୂପ



'ତୁମେ ପୃଥିବୀ, ଜଳ, ଅଗ୍ନି, ବାୟୁ କିମ୍ବା ଅନ୍ତରୀକ୍ଷ ଦ୍ୱାରା ସୃଷ୍ଟି ହୋଇନାହଁ। ଚେତନା ଆକାରରେ ତୁମେ ସେମାନଙ୍କ ମଧ୍ୟରେ ସାକ୍ଷୀ ସ୍ୱରୂପ। ଏହା ଜାଣିଲେ ତୁମେ ମୁକ୍ତି ପାଇବ।' ଜନକଙ୍କୁ ଏପରି କହିଛନ୍ତି ଅଷ୍ଟାବକ୍ର ଋଷି। ଜାଣି ରଖିବାକୁ ହେବ ଯେ ଏହା ଆଧ୍ୟାତ୍ମିକ ଜ୍ଞାନର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ସୂଚନା । ଜଣେ ଆକାଂକ୍ଷୀଙ୍କୁ ନିଜ ପ୍ରତି ଏବଂ ତାଙ୍କ ଚାରିପାଖର ଜଗତ ପ୍ରତି ତାଙ୍କର ଦୃଷ୍ଟିକୋଣ ଏବଂ ମନୋଭାବ ପରିବର୍ତ୍ତନ କରିବା ପାଇଁ ଜାଣିବା ଆବଶ୍ୟକ। ଅଜ୍ଞ ଲୋକମାନେ ନିଜକୁ ସେମାନଙ୍କ ମନ ଏବଂ ଶରୀର ଦ୍ୱାରା ଗଠିତ ବୋଲି ମନେ କରନ୍ତି। ଆଧ୍ୟାତ୍ମିକ ଲୋକମାନେ ଜାଣନ୍ତି ଯେ ସେମାନେ ସେମାନଙ୍କର ମନ କିମ୍ବା ଶରୀର ନୁହେଁ ବରଂ ଆଧ୍ୟାତ୍ମିକ ପ୍ରାଣୀ ।ଭଗବଦ୍‌ଗୀତାରେ ମଧ୍ୟ କୃଷ୍ଣ ତାଙ୍କ ପ୍ରବଚନର ଆରମ୍ଭରେ ଏହି ଧାରଣା ଶିକ୍ଷା ଦିଅନ୍ତି। ମଣିଷର ପ୍ରଥମ ଜନ୍ମ ହେଉଛି ପଶୁ ଜନ୍ମ। ସେମାନଙ୍କର ଦ୍ୱିତୀୟ ଜନ୍ମ ହେଉଛି ଆଧ୍ୟାତ୍ମିକ ଜନ୍ମ। ଏହା ସେତେବେଳେ ଘଟେ ଯେତେବେଳେ ସେମାନେ ଅନୁଭବ କରନ୍ତି ଯେ ସେମାନେ ଆଧ୍ୟାତ୍ମିକ ପ୍ରାଣୀ ଏବଂ ସେମାନେ ଆତ୍ମାକୁ ସେମାନଙ୍କର ସାକ୍ଷୀ ଚେତନା ଭାବରେ ଧାରଣ କରନ୍ତି। ପଶୁମାନଙ୍କର ସେମାନଙ୍କର ଆଧ୍ୟାତ୍ମିକ ପ୍ରକୃତି ବିଷୟରେ କୌଣସି ଜ୍ଞାନ ନାହିଁ। କେବଳ ମଣିଷ ହିଁ ଏହା ଜାଣିପାରିବେ। ତେଣୁ, ହିନ୍ଦୁ ଧର୍ମର କିଛି ସମ୍ପ୍ରଦାୟରେ, ଯେଉଁମାନେ ସେମାନଙ୍କର ଆଧ୍ୟାତ୍ମିକ ପ୍ରକୃତି ବିଷୟରେ ଅଜ୍ଞ ସେମାନଙ୍କୁ ପଶୁ (ପଶୁ) ବୋଲି ବିବେଚନା କରାଯାଏ। ପରମ ସ୍ୱରୂପ ପରମାତ୍ମା ହେଉଛନ୍ତି ପଶୁପତି, ପ୍ରାଣୀଙ୍କ ପ୍ରଭୁ। ମନ, ଇନ୍ଦ୍ରିୟ ଏବଂ ଶରୀର ପାଞ୍ଚଟି ଉପାଦାନରେ ଗଠିତ। ସାମୂହିକ ଭାବରେ ସେମାନଙ୍କୁ କ୍ଷେତ୍ର (କ୍ଷେତ୍ର) କିମ୍ବା ଶରୀର ଭାବରେ ଜଣାଯାଏ। ଏହା ପ୍ରକୃତିର ୨୩ଟି ତତ୍ତ୍ୱ କିମ୍ବା ବାସ୍ତବତା ଏବଂ ତ୍ରିଗୁଣର ମିଶ୍ରଣ। ସେମାନେ ନାମ ଏବଂ ରୂପ ଏବଂ ପ୍ରାଣୀମାନଙ୍କ ମଧ୍ୟରେ ଅହଂକାର କିମ୍ବା ବ୍ୟକ୍ତିତ୍ୱ ଗଠନ ପାଇଁ ଦାୟୀ। ସୃଷ୍ଟିରେ ସମସ୍ତ ବିବିଧତା ପ୍ରକୃତିର ବାସ୍ତବତାରେ ଗୁଣଗୁଡ଼ିକର ପରିବର୍ତ୍ତନ ଏବଂ ମିଶ୍ରଣରୁ ଉତ୍ପନ୍ନ ହୁଏ। ଅଦ୍ୱୈତ ଦର୍ଶନ ପ୍ରକୃତିକୁ କେବଳ ଆତ୍ମାର ଏକ ନିର୍ଭରଶୀଳ ପ୍ରକ୍ଷେପଣ ଭାବରେ ଧରିଥାଏ। ଉପନିଷଦରୁ ଆମେ ଶିଖିଥାଉ ଯେ କିପରି ସୃଷ୍ଟି ଏବଂ ବିବିଧତା ପଞ୍ଚ ଉପାଦାନ ଏବଂ ତ୍ରିଗୁଣର ମିଶ୍ରଣ ମାଧ୍ୟମରେ ଭିନ୍ନ ଅନୁପାତ କିମ୍ବା ଅନୁପାତରେ ପ୍ରକାଶିତ ହୁଏ। ସେମାନେ ମନ ଏବଂ ଶରୀରର ପରିବର୍ତ୍ତନ ଏବଂ ପ୍ରାଣୀମାନଙ୍କର ଜନ୍ମ ଏବଂ ମୃତ୍ୟୁ ଚକ୍ରରେ ବନ୍ଧନ ପାଇଁ ଦାୟୀ। ତେଣୁ, ଜଣେ ଦୀକ୍ଷିତ ପ୍ରାରମ୍ଭିକ ପର୍ଯ୍ୟାୟରେ ଜାଣିବା ଉଚିତ ଯେ ସେ ଅନନ୍ତ ଆତ୍ମ ଯିଏ ଶୁଦ୍ଧ ଚେତନା ଏବଂ ଯିଏ ତାଙ୍କ ଶରୀର ଏବଂ ମନଠାରୁ ଭିନ୍ନ। ସେ ସେମାନଙ୍କ ସହିତ ଜଡିତ ହେବା ଅପେକ୍ଷା ସେମାନଙ୍କର ସାକ୍ଷୀ ରହିବା ଉଚିତ। ସାକ୍ଷୀ (ସା + ଅକ୍ଷୀ) ଅର୍ଥ ଆଖି ସହିତ ଏକ ହେବା। ଆଧ୍ୟାତ୍ମିକ ଅର୍ଥରେ, ଏହା ଅନ୍ତର୍ଦୃଷ୍ଟି, ଶୁଦ୍ଧ ଦର୍ଶନ, କିମ୍ବା ସମ୍ପୃକ୍ତି, ଇଚ୍ଛା ଏବଂ ଆଶା ବିନା ଶୁଦ୍ଧ ସଚେତନତା। ଆତ୍ମା ଅର୍ଥ ହେଉଛି ଶ୍ୱାସକ୍ରିୟା, କିମ୍ବା ଆପଣଙ୍କର ମୂଳ ସ୍ୱରୂପ, କିମ୍ବା ଯେତେବେଳେ ଆପଣ ଆପଣଙ୍କର ପରିଚୟ ଏବଂ ଚେତନାରୁ ସବୁକିଛି କାଢ଼ି ନିଅନ୍ତି ସେତେବେଳେ ଯାହା ଅବଶିଷ୍ଟ ରହିଥାଏ। ଚିତ୍ ହେଉଛି ଆପଣଙ୍କର ଆତ୍ମା ଚେତନା କିମ୍ବା ଶୁଦ୍ଧ ଚେତନା। ଏହା ହେଉଛି ଆପଣଙ୍କର ସର୍ବୋଚ୍ଚ ବୁଦ୍ଧିମତ୍ତା କିମ୍ବା ସଚେତନତା, ଯାହା ପ୍ରକାଶିତ ହୁଏ ଯେତେବେଳେ ଆପଣଙ୍କର ମନ ଏବଂ ଇନ୍ଦ୍ରିୟ ନୀରବ ଏବଂ ଇଚ୍ଛା ଏବଂ ଆଶାର ଅଶୁଦ୍ଧତାରୁ ମୁକ୍ତ ଥାଏ। ମୁକ୍ତି ଅର୍ଥ ମୁକ୍ତି। ଏହା ମାନବ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ। ସୃଷ୍ଟି ଏକ ବନ୍ଧନକାରୀ ଯନ୍ତ୍ର, କାରଣ ଏହା ଆପଣଙ୍କୁ ଜଗତ ସହିତ ବାନ୍ଧି ରଖେ ଏବଂ ସହଜରେ ଆପଣଙ୍କୁ ଛାଡି ଦିଏ ନାହିଁ। ତେଣୁ, ହିନ୍ଦୁ ଧର୍ମରେ, ସ୍ୱର୍ଗରେ ସ୍ଥାନ ସୁରକ୍ଷିତ କରିବା ଅପେକ୍ଷା ମୁକ୍ତି ହାସଲ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ସ୍ୱର୍ଗର ମଧ୍ୟ ସୀମା ଅଛି। ମୁକ୍ତି ପ୍ରକୃତରେ ଯାହା ଆପଣଙ୍କୁ ବାନ୍ଧି ରଖେ ଏବଂ ସୀମିତ କରେ ତାହାଠାରୁ ମୁକ୍ତି। ଏହା ନିରପେକ୍ଷ, ଅବିନାଶୀ ଏବଂ ଅନନ୍ତ ସ୍ୱାଧୀନତାର ଏକ ଅବସ୍ଥା। ସ୍ୱାଧୀନତା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ? କାରଣ ଏହି ଜଗତରେ ଆମେ ଅନେକ ଜିନିଷ ଦ୍ୱାରା ସୀମିତ। ଆମେ ଯାହା ଚାହୁଁ ତାହା କରିପାରିବା ନାହିଁ। ଆମେ ଯାହା ଚାହୁଁ ତାହା ହୋଇପାରିବା ନାହିଁ। ଆମେ ଜିନିଷ ଖୋଜିବା ପାଇଁ ଇଚ୍ଛା ଏବଂ ଆସକ୍ତି ଦ୍ୱାରା ପ୍ରେରିତ, କିନ୍ତୁ ସେହି ଇଚ୍ଛାଗୁଡ଼ିକ ଆମର ଦୃଷ୍ଟି, ଚିନ୍ତା, ବୁଝାମଣା, କ୍ଷମତା, ଜ୍ଞାନ ଏବଂ ଜ୍ଞାନକୁ ମଧ୍ୟ ସୀମିତ କରେ।



# ମା' ଚନ୍ଦ୍ରଘଣ୍ଟା



ନବ ଦୁର୍ଗାଙ୍କ ତୃତୀୟ ରୂପ ମା' ଚନ୍ଦ୍ରଘଣ୍ଟା । ନବରାତ୍ରିର ତୃତୀୟ ଦିନରେ ତାଙ୍କୁ ଆରାଧନା କରାଯାଏ । ସେ ସାହସ, ସୌନ୍ଦର୍ଯ୍ୟ ଓ କୃପାର ଦେବୀ । ତାଙ୍କର କପାଳ ଦେଶରେ ଚନ୍ଦ୍ର ଆକୃତିର ଘଣ୍ଟି ରହିଥାଏ । ସେ ସିଂହର ପୃଷ୍ଠରେ ବିଦ୍ୟମାନ । ସେ ଦଶଭୁଜା ଧାରଣ କରିଥିବା ଅସ୍ତ୍ର ଜରିଆରେ ଭକ୍ତଙ୍କୁ ରକ୍ଷା କରିବା ସହିତ ନକାରାତ୍ମକ ଶକ୍ତି ଦୂର କରିଥାନ୍ତି । ତ୍ରିନୟନା ଏହି ଦେବୀ ହସ୍ତରେ ଖଡଗ, ଧନୁ, ତ୍ରିଶୂଳ ଓ ଗଦା ଧାରଣ କରିଥାନ୍ତି । ସେ ଆବେଗର ନିୟନ୍ତ୍ରଣ କରିଥାନ୍ତି । ଚନ୍ଦ୍ର ସଦୃଶ ଘଣ୍ଟି ଧାରଣ କରିଥିବା ହେତୁ ତାଙ୍କୁ ଚନ୍ଦ୍ରଘଣ୍ଟା ଭାବରେ ପୂଜା କରାଯାଏ । ବିଶ୍ୱାସ ରହିଛି ଯେ, ନବରାତ୍ରିରେ ତାଙ୍କୁ ପୂଜନ କଲେ ଭୟ, ଉତ୍କଣ୍ଠା ଓ ବାଧାବିଘ୍ନ ଦୂର ହେବା ସହ ଶକ୍ତି ଓ ମାନସିକ ସ୍ଥିରତା ମିଳିଥାଏ । ଏହି ଦେବୀ ମଣିପୁର ଚକ୍ର ସହ ସମ୍ବନ୍ଧିତା । ତାଙ୍କୁ ଦୁଗ୍ଧ, ମିଠେଇ, କ୍ଷୀର ନୈବେଦ୍ୟ ଅର୍ପଣ କରାଯାଇଥାଏ । ତାଙ୍କର ମନ୍ତ୍ର ହେଉଛି : ଓଁ ହ୍ରୀଂ କ୍ଲିଂ ଶ୍ରୀମ୍ ଚନ୍ଦ୍ରଘଣ୍ଟାୟ ନମଃ । ଦେବୀ ପାର୍ବତୀଙ୍କର ହିଁ ମା' ଚନ୍ଦ୍ରଘଣ୍ଟା ବେଶ । ସେ ଭଗବାନ ଶିବଙ୍କୁ ବିବାହ କରିଥିଲେ । ଯାହା ବ୍ରହ୍ମାଣ୍ଡକୁ ସୁରକ୍ଷା ତଥା ଶାନ୍ତ ରଖିବାରେ ସେ ସହାୟତା କରିଥିଲେ ।



## ନଦୀ-ବନ-ପର୍ବତ

# ମାର୍କଣ୍ଡେୟ ସରୋବର

**ସାକ୍ଷାତ୍ ବୈକୁଣ୍ଠ ସ୍ୱରୂପ ଶ୍ରୀପୁରୁଷୋତ୍ତମକ୍ଷେତ୍ର। ଏହା ସର୍ବତୀର୍ଥ ମଧ୍ୟରେ ତୀର୍ଥରାଜ ଭାବରେ ପରିଗଣିତ। ଭାଗବତକାର ଜଗନ୍ନାଥ ଦାସ ଲେଖିଛନ୍ତି- ''ସକଳ ତୀର୍ଥ ଘେନିକରି। ନୀଳ କନ୍ଦରେ ବିଜେ ହରି।''**



ସାକ୍ଷାତ୍ ବୈକୁଣ୍ଠ ସ୍ୱରୂପ ଶ୍ରୀପୁରୁଷୋତ୍ତମକ୍ଷେତ୍ର। ଏହା ସର୍ବତୀର୍ଥ ମଧ୍ୟରେ ତୀର୍ଥରାଜ ଭାବରେ ପରିଗଣିତ। ଭାଗବତକାର ଜଗନ୍ନାଥ ଦାସ ଲେଖିଛନ୍ତି- ''ସକଳ ତୀର୍ଥ ଘେନିକରି। ନୀଳ କନ୍ଦରେ ବିଜେ ହରି।'' ଶଙ୍ଖାକୃତି ଏହି ତୀର୍ଥରେ ସକଳ ତୀର୍ଥର ସମାହାର ଘଟିଥିଲେ ମଧ୍ୟ, ମୁଖ୍ୟତଃ ପାଞ୍ଚଟି ତୀର୍ଥଙ୍କୁ ଶାସ୍ତ୍ରମାନଙ୍କରେ ପ୍ରାଧାନ୍ୟ ଦିଆଯାଇଛି। ସେମାନେ ହେଲେ- ମାର୍କଣ୍ଡେୟ ପୁଷ୍କରିଣୀ, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ, ଇନ୍ଦ୍ରଦ୍ୟୁମ୍ନ ସରୋବର ଓ ମହୋଦଧି। ତୀର୍ଥମାନଙ୍କୁ ଯେଉଁ ଚାରିଭାଗରେ ବିଭକ୍ତ କରାଯାଏ, ସେମାନଙ୍କ ମଧ୍ୟରୁ ଏହି ତୀର୍ଥଟି ଆର୍ଷତୀର୍ଥ ଭାବରେ ପରିଚିତ। କାରଣ, ଏହା ମୁନି ମାର୍କଣ୍ଡେୟଙ୍କ ଦ୍ୱାରା ପ୍ରସ୍ତୁତ ତୀର୍ଥ। ମୁନି ମାର୍କଣ୍ଡେୟ ଥିଲେ କଳ୍ପଜୀବୀ। ପ୍ରଳୟ କାଳରେ ସମଗ୍ର ପୃଥିବୀ ଯେତେବେଳେ ଜଳମଗ୍ନ ହେଲା, ମହାମୁନି ମାର୍କଣ୍ଡେୟ ସେହି ପ୍ରଳୟ ଜଳରେ ଭାସିଭାସି ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ସେଠାରେ ସେ ଦେଖିଲେ, ସମସ୍ତ ଜୀବଜନ୍ତୁ, ବୃକ୍ଷଲତା ପ୍ରଳୟ ଜଳରେ ବିନଷ୍ଟ ହୋଇଯିବା ସତ୍ତ୍ୱେ, ଏକ କୋମଳ ପତ୍ରଧାରୀ ବଟବୃକ୍ଷ ଅକଂପିତ ହୋଇ ସେହି ପ୍ରଳୟଜଳ ମଧ୍ୟରେ ଦଣ୍ଡାୟମାନ। ଏବଂ ସେହି ବଟବୃକ୍ଷର ଏକ ପତ୍ର ଉପରେ ଭଗବାନ ଏକ ଅଙ୍ଗୁଷ୍ଠପ୍ରମାଣ ପୁରୁଷ ରୂପରେ ଶୟନ କରିଛନ୍ତି। ତାଙ୍କୁ ଦର୍ଶନ କରି ତଲ୍ଲୀନ ହେବାବେଳେ ଅବଲୀଳାକ୍ରମେ ସେ ସେହି ପୁରୁଷଙ୍କ ଗର୍ଭରେ ପ୍ରବେଶ କଲେ। ସେଠାରେ ସେ ସହସ୍ର ବର୍ଷ ରହି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଦର୍ଶନ କରି ପୁନଶ୍ଚ ସେହି ମୁଖ ଦେଇ ବାହାରକୁ ଆସିଲେ ଏବଂ ଭଗବାନଙ୍କୁ ପ୍ରଣାମ କରି ଆତ୍ମଜ୍ଞାନ ପ୍ରାପ୍ତି ନିମିତ୍ତ ପ୍ରାର୍ଥନା କଲେ। ପରମ ଜ୍ଞାନୀ ଭଗବାନ ତାଙ୍କୁ ପରମଜ୍ଞାନ ପ୍ରଦାନ କରି ଆତ୍ମଜ୍ଞାନ ଲାଭ ନିମିତ୍ତ ପରମ ଜ୍ଞାନୀ ଭଗବାନ ଶିବ ଶଙ୍କରଙ୍କୁ ତପସ୍ୟା କରିବା ନିମିତ୍ତ ନିର୍ଦ୍ଦେଶ ଦେଲେ ଏବଂ ସୃଷ୍ଟି ଓ ପ୍ରଳୟରହିତ ସ୍ଥାନ ଶ୍ରୀକ୍ଷେତ୍ରରେ ନିବାସ କରିବାକୁ ଅନୁମତି ଦେଲେ। ଭଗବାନଙ୍କ ନିର୍ଦ୍ଦେଶରେ ମୁନି ମାର୍କଣ୍ଡେୟ ବଟବୃକ୍ଷର ବାୟୁ କୋଣରେ ଏକ ଗର୍ତ୍ତ ନିର୍ମାଣ କରି ସେଠାରେ ରହି ଶିବ ଆରାଧନା କଲେ ଏବଂ ଚିରଞ୍ଜୀବୀ ହୋଇ ରହିଲେ। ସେହି ଗର୍ତ୍ତ ଆଜି ମାର୍କଣ୍ଡେୟ ସରୋବର ଭାବରେ ଚିହ୍ନିତ। ତାହାର ତୀରଦେଶରେ ମାର୍କଣ୍ଡେଶ୍ୱର ମହାଦେବ ବିରାଜିତ। ମାର୍କଣ୍ଡେଶ୍ୱର ହରିହରଙ୍କର ଏକ ଅଘୋର ମୂର୍ତ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନେକ ନୀତି ଏହି ପୁଷ୍କରିଣୀ ତଟରେ ସଂପନ୍ନ ହୋଇଥାଏ। ଶ୍ରୀକୃଷ୍ଣଙ୍କର କାଳୀୟ ଦଳନ ଲୀଳା, ବଡ଼ଠାକୁର ଶ୍ରୀବଳରାମଙ୍କର ଜନ୍ମଲୀଳା, ଦେବୀ ଲକ୍ଷ୍ମୀଙ୍କର ଋଷିପଞ୍ଚମୀ ବ୍ରତ ଆଜି ଏଠାରେ ଅନୁଷ୍ଠିତ ହୁଏ। ଏହା ବ୍ୟତୀତ କେଉଁ ପ୍ରାଚୀନ କାଳରୁ ସେବକ ପରିବାରର କନ୍ୟାମାନେ 'ନେତପିଲା' ହୋଇ ଏଠାରେ ଗୌରୀବ୍ରତ ପାଳନ କରିବାକୁ ଆସିଥାନ୍ତି। ଏଠାରେ ସ୍ନାନ ଓ ମାର୍କଣ୍ଡେୟ ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ।







# ରନ୍ଧନ ଗ୍ୟାସ୍ ଓ ଖାଇବା ତେଲ ଦର ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର, (ହି.ସ)- ରନ୍ଧନ ଗ୍ୟାସ୍ ଓ ଖାଇବା ତେଲ ଦର ବୃଦ୍ଧି ବିରୁଦ୍ଧରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଓ ବିକେଏମ୍ୟୁ ପକ୍ଷରୁ ଶୁକ୍ରବାର ରାଜମହଲ ଛକଠାରେ ମିଳିତ ଭାବେ ରାସ୍ତାରୋକୋ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ବିକ୍ଷୋଭକାରୀମାନେ ଦରବୃଦ୍ଧି ବିରୁଦ୍ଧରେ ବିଭିନ୍ନ ଲେଖା ଥିବା ପ୍ଲାକାର୍ଡ, ପତାକା, ସିଲିଣ୍ଡର ଓ ଫେଷ୍ଟୁନ ଧରି ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ରାଜମହଲ ଛକଠାରେ ସମବେତ ହୋଇଥିଲେ । ସେଠାରେ ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା କହିଲେ ଯେ, ସରକାର କହୁଛନ୍ତି ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ମହଜୁଦ୍ ଅଛି, କିନ୍ତୁ ଖାଉଟିମାନଙ୍କୁ ଗ୍ୟାସ୍ ମିଳୁ ନାହିଁ । ସେମାନଙ୍କୁ ଗ୍ୟାସ୍ ଏଜେନ୍ସି ପାଖରେ ଖରାତରାରେ ଘଂଟା ଘଂଟା ଧରି ଲମ୍ୱାଧାଡ଼ିରେ ଠିଆ ହେବାକୁ ପଡୁଛି । ଗ୍ୟାସ୍ ନ ମିଳିବାରୁ ଛୋଟ ଛୋଟ ଦୋକାନୀମାନଙ୍କ ବେପାର ବନ୍ଦ ହୋଇଗଲାଣି । ଅପରପକ୍ଷେ ରନ୍ଧନ ଗ୍ୟାସ୍ ସିଲିଣ୍ଡର କଳାବଜାରରେ ୩ହଜାର ଟଙ୍କାରେ ବିକ୍ରି ହେଲାଣି । ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ସାଙ୍ଗକୁ ଖାଇବା ତେଲ ଦର ବାରମ୍ୱାର ବୃଦ୍ଧି ଯୋଗୁ ଗୃହିଣୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଲାଣି । ସରକାର ସୁଭଦ୍ରା ଯୋଜନାରେ ଯେଉଁ କିଛି ଟଙ୍କା ଦେଇ ବାହାବା ନେଉଥିଲେ, ଗୃହିଣୀମାନେ ଏ ବାବଦରେ ଖର୍ଚ୍ଚରେ ସବୁ ସରିଗଲାଣି ବୋଲି କହୁଛନ୍ତି । ହୋଟେଲ ବ୍ୟବସାୟୀମାନେ ଏହି ମଉକାରେ ଖାଦ୍ୟଦ୍ରବ୍ୟ ମୂଲ୍ୟ ବୃଦ୍ଧି କରିଦେଲେଣି । ଏହି ୮ଦିନ ଭିତରେ ଖାଇବା ତେଲ ଲିଟର ପିଛା ୨୦ ଟଙ୍କା ବଢ଼ିଗଲାଣି । ସରକାର ରନ୍ଧନ ଗ୍ୟାସ୍ ବୁକିଂ ପାଇଁ ସହରାଂଚଳରେ ୨୫ଦିନ ଏବଂ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ୪୫ ଦିନର ଯେଉଁ ନିୟମ ବାନ୍ଧି ଦେଇଛନ୍ତି ତାହା ଖାଉଟିଙ୍କୁ ମହରଗରୁ ନେଇ କାନ୍ତାରରେ ପକାଇ ଦେଇଛି । ସାଧାରଣ ଲୋକେ ଏମିତି ହନ୍ତସନ୍ତ ହେଉଥିବାବେଳେ କର୍ତ୍ତୃପକ୍ଷ ନିଦାବିଷ୍ଟ ସାଜିଛନ୍ତି ।

## ଚାଷୀ ସୁରକ୍ଷା ସଚେତନତା

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାର ଦୁଇଟିରେ ବ୍ଲକ ରାୟଗଡ଼ା, ଗୋଷାଣୀ, କେ.ସୀତାପୁର, ଖାରଡା,ଉପଲଡା, ଯାଜପୁର ଆଦି ବିଭିନ୍ନ ଗ୍ରାମରେ ନବନିର୍ମାଣ କୃଷକ ସଂଗଠନ ଦ୍ୱାରା ଚାଷୀ ସମସ୍ୟା ଉପରେ ଚାଷୀମାନଙ୍କର ସମସ୍ୟା ଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ପ୍ରଭାରୀ ରଣଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ କୃଷି ନେତା ଦାରାପୁ ରାବିନାୟୁଡୁ, ଦାସରଥି ଚରତି, ପିତାମ୍ବର ସାରଙ୍ଗ, ଏ ଭାଷର ରାଓଙ୍କ, ପି ବାବୁରାଓ, ଭାବଗ୍ରାହୀ ଗୈଡ, କୁବେର ମଣ୍ଡଳ, କୃଷ୍ଣ ବଢଘର, ଆଦି ଚାଷୀ ଭାଇମାନେ ଯୋଗ ଦେଇଥିଲେ । ଏଥିରେ ଚାଷୀ ସୁରକ୍ଷା ଭତ୍ତାଦେବା, ଯୁବକ ବେକାରୀ ସମସ୍ୟା ଦୂର କରିବା,୬୦ ବର୍ଷ ଉର୍ଦ୍ଧ୍ୱ ଭତ୍ତା ୩୫୦୦ କରିବା, ଚାଷୀମାନଙ୍କୁ ୧୦୦୦୦ ଟଙ୍କା ପେନସନ ପ୍ରଦାନ କରିବା ଏବଂ ଧାନ ଏମ୍‌ଏସପି ପାଞ୍ଚ ହଜାର କରିବା ଆଦି ବିଶେଷ ଆଲୋଚନା କରାଯାଇଥିଲା ୧୯୬୦ ଦଶକରେ ଲାଗୁ ହେଇଥିବା ଭୂମିହୀନ କୃଷି ଶ୍ରମିକ ଅତି କ୍ଷୁଦ୍ର ନାମକୁ ମାତ୍ର କୃଷକ ଶ୍ରେଣୀମାନଙ୍କୁ ରୋଜଗାର ପାଇଁ ସେମାନଙ୍କୁ ଦୃଷ୍ଟି ଦେବା ଆଗାମୀ ଦୁଇ ବର୍ଷ କିମ୍ବା ତିନି ବର୍ଷରେ ସମସ୍ତ ଜମିକୁ ଜଳସେଚନର ସୁବିଧା କରିବା, ରାଜ୍ୟର ପ୍ରତି ଜିଲ୍ଲା ସଦରମହକୁମା, ବ୍ଲକ୍ ଆଦି ଅଞ୍ଚଳରେ ଶୀତଳ ଭଣ୍ଡାର ଆଦି ବ୍ୟବସ୍ଥା କରିବା । ଆମ ରାଜ୍ୟରେ ଚାଷୀ ସଂଗଠନ ସୁଦୃଢ କରିବା ଇତ୍ୟାଦି ସମସ୍ୟା ନେଇ ବିଭିନ୍ନ ଗ୍ରାମର ସ୍ଥାନ ମାନଙ୍କରେ ସଂଗଠନ ସଭା ଅନୁଷ୍ଠିତ ହୋଇଯାଇଛି ।

## ବଡ଼ସାହି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର କର୍ମକର୍ତ୍ତା ମନୋନୟନ

ବଡ଼ସାହି,(ନିପ୍ର): ବଡ଼ସାହି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସାଙ୍ଗଠନିକ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଭାପତି ମହୋଦୟ ସଙ୍ଘର ଆଭିମୁଖ୍ୟ ତଥା ଭବିଷ୍ୟତ କର୍ମପନ୍ଥା ବିଷୟରେ ଆଲୋକପାତ କରିଥିଲେ । ସମସ୍ତ ସଦସ୍ୟଙ୍କ ସହମତିରେ ରଣଜିତ୍ କୁମାର ଦାସଙ୍କୁ ସଭାପତି ସୁବୋଧ କୁମାର ଦଣ୍ଡପାଟଙ୍କୁ କାର୍ଯ୍ୟକାରି ସଭାପତି ଅନନ୍ତ କୁମାର ଶତପଥୀଙ୍କୁ ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳଙ୍କୁ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ଜେନାଙ୍କୁ ସଂଗଠନ ସମ୍ପାଦକ ଓ ଯୋଗେଶ୍ୱର ମିଶ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଗଲା । ଏହି ଚୟନ ପଦ୍ଧତି ବଂକିମ ବିହାରୀ ପାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ସଭାପତି ମହୋଦୟ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ । ଆଗାମୀ ୨୦ତାରିଖକୁ ସମସ୍ତ ସଦସ୍ୟ ଏକାଠି ହୋଇ ପଖାଳ ଦିବସ ପାଳନ କରିବା ପାଇଁ ମତବ୍ୟକ୍ତ କଲେ ।

## ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ବୁଗୁଡ଼ା,(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି । ବରିଷ୍ଠା ଗୁରୁମା ଝିଲ୍ଲୀ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ ଯୋଗ ଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନ ଏବଂ ଏହାର ପୌରାଣିକ ଓ ଐତିହାସିକ ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାରୀରିକ ପ୍ରମୁଖ ଗୁରୁଜୀ ସଞ୍ଜୟ କୁମାର ଷଡଙ୍ଗୀ ଗୈରିକ ଧ୍ୱଜା ଆରୋହଣ ଏବଂ ଛାତ୍ରୀ ଆଦ୍ୟାଶା ରାଣୀ ଡାକୁଆ, ପଦ୍ମିନୀ ବେହେରା ଓ ସ୍ନେହାରାଣୀ ପରିଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଗୁରୁମା ରଶ୍ମିତା ବେହେରା ବନ୍ଦନା ଗାନ କରିଥିଲେ ।

# ପଞ୍ଚାୟତ ଅଫିସ ପଛ: ୫୯ ବର୍ଷ ହେବ ଝାଟିମାଟି ଘର ଅନ୍ଧାର

ଧାମନଗର ,(ନିପ୍ର): ସରକାର ଗରିବ, ଭୂମିହୀନ ଓ ନିରାଶ୍ରୟଙ୍କ ପାଇଁ ଶହ ଶହ କୋଟି ଟଙ୍କାର ଆବାସ ଯୋଜନା କରୁଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଶୋହଡ଼ା ପଞ୍ଚାୟତ ରୁ ଆସିଛି ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ । ପଞ୍ଚାୟତ କାର୍ଯ୍ୟାଳୟର ଠିକ୍ ପଛ ପଟେ ଏକ ଅନାବାଦୀ ଜାଗାରେ ଦୀର୍ଘ ୫୯ ବର୍ଷ ହେବ ଏକ ନୁଆଣିଆ ଝାଟିମାଟି ଘରେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ଜେନା ସାହିର ବିଧବା ହୁନି ଜେନା । ହୁନିଙ୍କ ଜୀବନ କାହାଣୀ ଯେତିକି କଷ୍ଟ ଦାୟକ, ସେତିକି ସଂଘର୍ଷମୟ । ମାତ୍ର ୧୫ ବର୍ଷ ବୟସରେ ଭଣ୍ଡାରିପୋଖରୀ ଅଞ୍ଚଳରେ ତାଙ୍କର ବିବାହ ହୋଇଥିଲା । କିନ୍ତୁ ନିୟତିର କ୍ରୁର ପରିହାସ, ବିବାହର ମାତ୍ର ୬ ମାସ ପରେ ସ୍ୱାମୀଙ୍କ ମୃତ୍ୟୁ ଘଟିଲା । ଶାଶୁଘର ଲୋକେ ଘରୁ ବାହାର କରିଦେବା ପରେ ବାପଘରକୁ ଆଶ୍ରୟ ପାଇଁ ଆସିଥିଲେ ମଧ ସେଠାରେ ବି ସମାନ ପରିସ୍ଥିତି ଉପୁଜିଥିଲା । ଶେଷରେ କୁଳକୁଟୁମ୍ବ ଓ ଗ୍ରାମବାସୀଙ୍କ ସହାୟତାରେ ଏହି ଅନାବାଦୀ ଜାଗାରେ ଏକ ଚାଳିଆ କରି ସେ ରହି ଆସୁଛନ୍ତି । ସରକାରଙ୍କଠୁ ମିଳୁଥିବା ୧ ହଜାର ଟଙ୍କା ଭତ୍ତା ଓ ୫ କିଲୋ ଚାଉଳରେ କଷ୍ଟେମଷ୍ଟେ ପେଟ ପୋଷୁଛି । ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ପାଇଁ ବହୁତ ଆଶା, ହେଲେ ନିଜର ଜାଗାବାଡ଼ି ନାହିଁ ବୋଲି ସରକାର ଘର ଦେଉନାହାନ୍ତି,ଆଖିରେ ଲୁହଭରି କୋହଭରା କଣ୍ଠରେ



ଏହା କହିଛନ୍ତି ହୁନି ଜେନା । ଆଶ୍ଚର୍ଯ୍ୟର କଥା, ଯେଉଁ ପଞ୍ଚାୟତ ଅଫିସରୁ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ ହୁଏ, ସେହି ଅଫିସ ପଛପଟେ ଜଣେ ଅସହାୟା ବୃଦ୍ଧା ଏତେ ବର୍ଷ ଧରି କିଭଳି ପ୍ରଶାସନ ନଜର ରୁ ଦୂରେଇ ରହିଲେ ? ଯଦି ସରକାରଙ୍କ ଭୂମିହୀନ ଯୋଜନାରେ ତାଙ୍କୁ ଡିହ ଖଣ୍ଡେ ମିଳି ପାରନ୍ତା, ତେବେ ହୁଏତ ସେ ଆବାସ ଯୋଜନାରେ ଘରଟିଏ ପାଇପାରନ୍ତେ । ଏ ସମ୍ପର୍କରେ ଧାମନଗର ବିଡିଓ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, 'ବର୍ତ୍ତମାନ ସୁଦ୍ଧା ଏପରି କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମୋ ପାଖକୁ ଆସିନାହିଁ । ତଥାପି ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କାର୍ଯ୍ୟ ଚାଲିଛି, ତେଣୁ ସେଥିରେ ତାଙ୍କୁ ସାମିଲ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରାଯିବ ।' ଏବେ ଦେଖିବାକୁ ବାକି ରହିଲା, ଏହି ଅସହାୟା ବୃଦ୍ଧାଙ୍କ ଜୀବନର ସାୟାହ୍ନରେ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ମିଳୁଛି ନା ନାହିଁ ।

# ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ ମେମୋରିଆଲ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ୮ ଦିନ ଧରି ଛାତ୍ରୀମାନଙ୍କ ପାଇଁ ଅନୁଷ୍ଠିତ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଆଜି ଆରମ୍ଭ ହୋଇଛି କ୍ଷ

ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହା ଆୟୋଜିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଶିବିରଟି ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ ଅଟେ ।

ଆତ୍ମସୁରକ୍ଷା ତାଲିମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କୌଣସି ଅସ୍ତ୍ର-ଶସ୍ତ୍ର ବ୍ୟବହାର ବିନା ବିଭିନ୍ନ ଶାରୀରିକ କୌଶଳ ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବାର ପ୍ରଶିକ୍ଷଣ ଦେବା । ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଭାବେ ପୁଷ୍ପାଞ୍ଜଳି ମାଡକାମୀ ଓ ନମିତା ମୁଦୁଲି ଛାତ୍ରୀମାନଙ୍କୁ ସରକାରୀ ନିର୍ଦ୍ଦେଶାନୁସାରେ ବିଭିନ୍ନ କୌଶଳରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

ଏହି କାର୍ଯ୍ୟକ୍ରମଟି ଆଜିଠାରୁ ୮ ଦିନ ବ୍ୟାପୀ ଅର୍ଥାତ୍ ୨୦-୦୩-୨୦୨୬ ଠାରୁ ୨୮-୦୩-୨୦୨୬ ପର୍ଯ୍ୟନ୍ତ ଚାଲିବ ।

କେବଳ ଆତ୍ମସୁରକ୍ଷା କୌଶଳ ନୁହେଁ, ନିଜ ଆତ୍ମବଳର ସୁଦୃଢ଼ିକରଣ ସହିତ ଶୃଙ୍ଖଳା, ସଂଯମ ଓ ସାହସ ବୃଦ୍ଧି କରିବା ମଧ ଏହି ତାଲିମର ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଉଦବୋଧନରେ କହିଥିଲେ ।

ଶେଷରେ ଶିକ୍ଷା ବିଭାଗର ଅଧାପିକା ତଥା ଏହି କାର୍ଯ୍ୟକ୍ରମର ଅଧିକାରୀ ଶ୍ରୀଦେବୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ପାନୀୟ ଜଳ ସମସ୍ୟା ଦୂରୀକରଣ: ଦୁଇ ଗ୍ରାମକୁ ଟ୍ୟାଙ୍କର ଯୋଗେ ଯୋଗାଣ

 କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ସିଦ୍ଧମଡ଼ଙ୍ଗ ଗ୍ରାମ ତଥା ରାଣୀପେଣ୍ଠ ପଞ୍ଚାୟତ ଅଧୀନରେ ଥିବା ଶାନ୍ତି ନଗର ଗ୍ରାମରେ ପାନୀୟ ଜଳ ସମସ୍ୟା ଦୀର୍ଘ ଦିନରୁ ଲାଗି ରହିଥିବା ଗ୍ରାମବାସୀମାନେ ଅଭିଯୋଗ ଆଣିଥିଲେ ।

ଏହି ଅଭିଯୋଗକୁ ଭିତ୍ତି କରି ସିଦ୍ଧମଡ଼ଙ୍ଗ ଗ୍ରାମରେ ବସୁଧା ଯୋଜନା ଅନ୍ତର୍ଗତ ଓଭରହେଡ ଟେଙ୍କ ତଥା ନଳ କୂପ ରହିଥିବା ସତ୍ତ୍ୱେ ସେ ଗୁଡିକୁ ବ୍ୟବହାର ନକରି ପ୍ରାୟ ଦୁଇ କିଲୋମିଟର ଚାଲି ଯାଇ ପାଣି ଆଣୁଥିବା ଦୃଷ୍ଟିକୁ ଆସିଥିବା ବେଳେ ଶାନ୍ତି ନାଗର ଗ୍ରାମରେ ବସବାସ କରୁଥିବା ପ୍ରାୟ



ସତୁରି ପରିବାର ମଧ ଚାରି କିଲୋମିଟର ଚାଲି ଯାଇ ପାଣି ଆଣୁଥିବା ସୂଚନା ମିଳିଛି । ଏହି ପାନୀୟ ଜଳ ସମସ୍ୟାକୁ ସାମଧାନ କରିବା ସକାଶେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣଯନ୍ତ୍ରୀ ତପ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏହି ଦୁଇ ଗ୍ରାମକୁ ପାନୀୟ ଜଳ ସମସ୍ୟାର ସାମଧାନ ହେବା ଯାଏଁ ଯନ୍ତ୍ରୀ ତ୍ରିପତି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ବିଭାଗ ତରଫରୁ ଟ୍ୟାଙ୍କର ଯୋଗେ ଦୁଇ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗେଇଦେବା କାର୍ଯ୍ୟ ଆରମ୍ଭ ହୋଇଛି । ସ୍ଥାନୀୟ ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ କହିଛନ୍ତି ଯେ, ପାନୀୟ ଜଳର ସମସ୍ୟା ଯଦି କୌଣସି ଗ୍ରାମରେ ଦେଖା ଯାଉଛି ତା ହେଲେ ତୁରନ୍ତ ବିଭାଗ ସହ ସମ୍ପର୍କ କଲେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ ।

# ଚିଲିକାକୁ ପଲିଥିନ ମୁକ୍ତ ସଚେତନତା

କୃଷ୍ଣପ୍ରସାଦତା,(ନି ପ୍ର ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମପୁର ଏବଂ ରାଜହଂସ ଠାରେ ଚିଲିକା ବନ୍ୟପ୍ରାଣୀ ବନ ଖଣ୍ଡ ତରଫରୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ସୃଷ୍ଟି କରିବା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳୁ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ବ୍ରହ୍ମପୁରରେ ଏକ ରାଲି ମାଧ୍ୟମ ରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଏଥିରେ ସ୍ୱେଚ୍ଛାସେବୀ , ଗ୍ରାମବାସୀ, ବିଦ୍ୟାଳୟର ଶିକ୍ଷାର୍ଥୀ ମାନେ ଯୋଗ ଦେଇଥିଲେ । ଚିଲିକାକୂଳ ଏବଂ ସମୁଦ୍ର କୂଳରୁ ଅଳିଆ ଆବର୍ଜନା, ପଲିଥିନକୁ ସଫେଇ କରିଥିଲେ । ଆସ ପରିବେଶ ଓଡିଶାକୁ ପଲିଥିନ ମୁକ୍ତ କରିବା ପାଇଁ ଶପଥ ନେଇଥିଲେ । ଘରକୁ ଫେରିବା ପରେ ନିଜ ପରିବାର, ପଡୋଶୀ, ସାଙ୍ଗସାଥିମାନଙ୍କୁ ଏନେଇ ସଚେତନ କରାଇବେ ବୋଲି କଥା ରଖିଥିଲେ । ଚିଲିକା ବନ୍ୟପ୍ରାଣୀ ବନ ଖଣ୍ଡ ଅଧିକାରୀ ବାଲୁଗାଁ ଅମ୍ଳାନ ନାୟକ ଙ୍କ ନିର୍ଦ୍ଦେଶ ରେ ଉପକୂଳ ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି । ଏ ସି ଏଫ ସୌମ୍ୟ ରଞ୍ଜନ ସାହୁ,ସାତପଡ଼ା ରେଞ୍ଜର ରଞ୍ଜନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମୁଦ୍ର, ଚିଲିକା କୂଳରୁ ପଲିଥିନ ସଫେଇ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବନପାଳ ପ୍ରତୀୟ ଜୟସିଂହ, ବନପାଳ ସୁଦିପ କୁମାର ଦେହେରା ବନପାଳ ଅନିଲ ଲେଙ୍କା, ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ଲକ୍ଷ୍ମଣ ପିପକ୍ଷକା, ବନରକ୍ଷୀ ଭାବଗ୍ରାହୀ ନାୟକ, ବନରକ୍ଷୀ ଅନିତା ଜୟସିଂହ, ବନରକ୍ଷୀ ଶିବ ପ୍ରସାଦ ପଲାଇ, ବନରକ୍ଷୀ ମାନସ ରଞ୍ଜନ ନାୟକ, ସାମାଜିକ କର୍ମୀ ନିର୍ମଳ ରଣସିଂହଙ୍କ ସମେତ ପରିବେଶ ବିତ ମାନେ ମଧ ଯୋଗ ଦେଇଥିଲେ ।

## ପଖାଳରେ ଆପ୍ୟାୟିତ ହେଲେ ବହୁ ବ୍ୟକ୍ତି

ତିଗିରିଆ,(ନିପ୍ର):ପାଞ୍ଚଗାଁ ସ୍ଥିତ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଏଠାରେ ପଖାଳଭାତ, ମାଛଭଜା, ଶାଗ, ବଡ଼ିଚୁରା, ସାଲାଟ, ଆଳୁଚଟଣି ବାଇଗଣଚଟଣି, ସଜନାଛୁଇଁ ଆଳୁ ଭଜା ସମେତ ବିଭିନ୍ନ ବ୍ୟଜନରେ ବହୁ ବିଶିଷ୍ଟ ବ୍ୟକ୍ତି ପଂକ୍ତି ଭୋଜନରେ ସମ୍ମିଳିତ ହୋଇଥିଲେ ।

କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ, ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ, ଉପସଭାପତି ସରୋଜ ଦାଶ, ବିଶିଷ୍ଟ ଆଡ଼ଭୋକେଟ ବିକ୍ରମ କେଶରୀ ଦାଶ, ତିଗିରିଆ ଲୋକ କଳା ସଭାପତି ସନ୍ତୋଷ କୁମାର ସିଂହ ସାମନ୍ତ, ସାମ୍ବାଦିକ ଚନ୍ଦ୍ର ଶେଖର ମିଶ୍ର, କଳାଶିଳ୍ପୀ ଧୁଶାସନ ସ୍ୱାଇଁ, ଶିକ୍ଷାବିତ୍ ଅଜୟ କୁମାର ଦାଶ, ନରେଶ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ସାହୁ, ଭରତ ସାହୁ, ସନାତନ ଗୋଛି ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ମହିଳା ଆୟୋଗ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ

ଜୟପୁର,(ହି.ସ.): ମହିଳାଙ୍କ ବିରୁଦ୍ଧରେ ଘରୋଇ ହିଂସା, ନିର୍ଯ୍ୟାତନା, ଯୌତୁକ ନିର୍ଯ୍ୟାତନା, ସମ୍ପତ୍ତି ବିବାଦ, କାର୍ଯ୍ୟାସ୍ଥଳରେ ନିର୍ଯ୍ୟାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲଂଘନ ଏବଂ ମହିଳା କଲ୍ୟାଣ, ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ଜନ ଶୁଣାଣି କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନ ୧୦ଟା ସମୟରେ କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲା ସକାଶେ କୌଶଳ ବିକାଶ ତାଲିମ କେନ୍ଦ୍ର (ସ୍କିଲ ଡେଭଲପମେଣ୍ଟ ଟ୍ରେନିଂ ସେଣ୍ଟର), କୋରାପୁଟ ଠାରେ ଅନୁଷ୍ଠିତ ହୋଇଯାଇଛି ।

ମହିଳା କମିଶନ୍ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସମୁଦାୟ ୫ ଗୋଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ, ସେଥିମଧ୍ୟରୁ ମୋଟ୍ ୫ ଗୋଟି ମାମଲାରେ ଜନ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି ହୋଇ, ୧ ଗୋଟି ମାମଲାର ଫଏସଲା ହୋଇଥିବା ବେଳେ ୨ ଗୋଟି ମାମଲାକୁ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି କ୍ଷ କୋର୍ଟରେ ବିଚାରଧୀନ ଥିବା ୧ ଗୋଟି ମାମଲାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ହୋଇଛି କ୍ଷ ଅନ୍ୟ ୧ ଗୋଟି ମାମଲାରେ ପକ୍ଷମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ନିମନ୍ତେ ନୋଟିସ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା । ଆଜିର ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ମାମଲା ଗୁଡିକରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ୍ ଦାଖଲ କରିଥିଲେ । ସେହିପରି ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୫ ଗୋଟି ନୂତନ ମାମଲାର ପଞ୍ଜିକରଣ ମଧ ହୋଇଥିଲା ।

ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ଆୟୋଗର ସଦସ୍ୟା ଶ୍ରୀମତୀ ପ୍ରତିଭା ଶତପଥୀ ଓ ଶ୍ରୀମତୀ ମୁକ୍ତା ସାହୁଙ୍କ ଉପସ୍ଥିତରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ -ଜିଲ୍ଲାପାଳ ତପନ କୁମାର ନାୟକ, କୋରାପୁଟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ବିତ ମହାନ୍ତି, ଡେପୁଟି କଲେକ୍ଟର ସୁଶ୍ରୀ ଆକାଂକ୍ଷା ବିଶ୍ୱାଳ, କୋରାପୁଟ ଉପ-ଆରକ୍ଷୀ ଅଧୀକ୍ଷିକା ସୁଶ୍ରୀ ପୁଷ୍ପାଞ୍ଜଳି ନିଙ୍ଗ, କୋରାପୁଟ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜ୍ୟୋତ୍ସ୍ନା ପାଢି, କୋରାପୁଟ ଜିଲ୍ଲା ସୁରକ୍ଷା ଅଧିକାରୀ ସୁଶ୍ରୀ ସବିତା ସମାଦର ଏବଂ ନବରଙ୍ଗପୁର ଜିଲ୍ଲା ସୁରକ୍ଷା ଅଧିକାରୀ ସୁଶ୍ରୀ ରମା ପଟ୍ଟନାୟକ, ଇତ୍ୟାଦି ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସେହିପରି, ମହିଳା ଆୟୋଗର ଆଇନ୍ ସହାୟକ ଅରବିନ୍ଦ ପଟ୍ଟନାୟକ, ଦୁଇ ଜଣ କାଉନ୍ସିଲର ବନ୍ଦନା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତ୍ରିଲୋଚନ ନାୟକ, ଚିତ୍ତରଞ୍ଜନ ସାହୁ, ଅନ୍ତରଯାମୀ ରାଉତ ଏବଂ ରାମଚନ୍ଦ୍ର ବେହେରା ପ୍ରମୁଖ ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ।

# ଓଡ଼ିଆ ସଂସ୍କୃତିର ଏକ ପରିଚୟ ପଖାଳ

ରାୟଗଡ଼ା,(ନିପ୍ର): ଓଡିଶାର ଲୋକ ଜୀବନ ସହିତ ଜଡିତ ଏକ ଅତ୍ୟନ୍ତ ଲୋକପ୍ରିୟ ପର୍ବ ହେଉଛି ପଖାଳ ପରବ ତଥା ପଖାଳ ଦିବସ । ପ୍ରତିବର୍ଷ ମାର୍ଚ୍ଚ ୨୦ତାରିଖରେ ଏହି ଦିବସକୁ ଉତ୍ସାହ ଓ ଆନନ୍ଦର ସହିତ ପାଳନ କରାଯାଉଛି । ଗରମ ଦିନର ଆରମ୍ଭ ସହିତ ଶରୀରକୁ ଶୀତଳ ରଖିବା ପାଇଁ ପଖାଳ ଖାଇବାର ପ୍ରଥାକୁ ଏହି ଦିବସ ଉତ୍ସାହିତ କରିଥାଏ । ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶ କ୍ରମେ ସମଗ୍ର ଜିଲ୍ଲାରେ ଏହି ଦିବସ ପାଳନ କରାଯାଉଥିବା ବେଳେ ରାୟଗଡ଼ା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ମଧ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପଖାଳ ପରବ



କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମୀନତି ଦେଓ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବସନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପଖାଳ କଂସା ସହିତ ବଡି ଚୁରା,ବାଇଗଣ ଭର୍ତ୍ତା,ଆଳୁ ଭର୍ତ୍ତା,ଶାଗବଡି,ମାଛ ଭଜା,ମୁନିଗା ଆଳୁ ଇତ୍ୟାଦି ସ୍ୱାଦିଷ୍ଟ ପଦାର୍ଥ ଖାଇବାର ବ୍ୟବସ୍ଥା କରାଯାଇଥିଲା । ସମସ୍ତେ ଏକାଠି ହୋଇ ଏହି ପଖାଳ ଖାଇବାର ମଜା ଉଠାଇଥିବା ବେଳେ ପଖାଳ କେବଳ ଏକ ଖାଦ୍ୟ ନୁହେଁ,ଏହା ଓଡିଆ ସଂସ୍କୃତିର ଏକ ପରିଚୟ । ଏହା ଶରୀରକୁ ଶୀତଳ କରିବା ସହିତ ସ୍ୱାସ୍ଥ୍ୟ ପାଇଁ ମଧ ଉପକାରୀ । ଗରମ ଋତୁରେ ପଖାଳ ଖାଇବା ଦ୍ୱାରା ଶରୀରର ତାପମାତ୍ର କମିଥାଏ ଏବଂ ଶକ୍ତି ବଢେ ।

## ଓରପୋଟ ଚୈତାଳୀ ମହୋତ୍ସବ ଉଦ୍‌ଯାପିତ

ଚାରିଛକ,(ନିପ୍ର): ଚାରିଛକ ସ୍ଥିତ ଓରପୋଟ ଗ୍ରାମରେ ଚତୁର୍ଥ ବାର୍ଷିକ ଚୈତାଳି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥି ତଥା ସଭାର ସଭାପତି ଗ୍ରାମର ବରିଷ୍ଠ ଶିକ୍ଷାବିତ ଲକ୍ଷ୍ମୀଧର ନାୟକ , ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ମହାନ୍ତି ,ରବୀନ୍ଦ୍ର କୁମାର ନାୟକ ,ପଣ୍ଡିତ ଗୋସ୍ୱାମୀ ମୁରଲୀଧର ଭାରତୀ , ନେତ୍ରାନନ୍ଦ ବାରିକ ଓ ଆର୍ତ୍ତ ଭୋଇ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବ ସଭା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଦ୍ୱିତୀୟ ଦିନ ଉଦ୍‌ଯାପିତ ଦିନରେ ମୁଖ୍ୟ ଅତିଥି ସ୍ୱର୍ଣ୍ଣ ମହଲ ଯାତ୍ରା ପାର୍ଟିର ଓନର ପବିତ୍ର କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ରୀଙ୍କୁ ବାବୁ ଯୋଗଦେଇ ଦ୍ୱିତୀୟ ଦିନରେ ଚୈତାଳୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ଏହି ଚୈତାଳୀ ଉତ୍ସବ କାର୍ଯ୍ୟକ୍ରମରେ ଅଧାପକ ସମାପ୍ତ ମହାନ୍ତି ସଭା ପରିଚାଳନା କରିଥିବାବେଳେ ସବ୍ୟସାଚୀ ନାୟକ ଉତ୍ସବ ଓ ମଞ୍ଚ କାର୍ଯ୍ୟକ୍ରମ ସୁଚାରୁରୂପେ ତୁଲାଇଥିଲେ । ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳାକୁ ଲୋକ ଲୋଚନକୁ ଆଣିବା ଏହି ଚୈତାଳୀ ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ମଞ୍ଚାସୀନ ଅତିଥି କହିଥିଲେ । ଗ୍ରାମର ଉଦ୍ୟୋଗ ଯୁବ କର୍ମୀ ଅମ୍ବିକା ପ୍ରସାଦ ମହାନ୍ତି , ବିଭୁତି ରଞ୍ଜନ ପଟନାୟକ ନାଟ୍ୟ ଗୁରୁ ବା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାନ୍ତି ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ତ

### ପିପିଲିରେ ସପ୍ତଦଶ ଜାଗୃତି ମହୋତ୍ସବ-୨୦୨୬ ଉଦ୍‌ଘାଟିତ

# ମନ୍ତ୍ରମୁଗ୍ଧ କଲା ଗଞ୍ଜାମ ଜିଲ୍ଲାର ରଣପା ନୃତ୍ୟ

ପିପିଲି,(ନିପ୍ର): ଭାରତୀୟ ନବବର୍ଷ ପାଳନ ଉପଲକ୍ଷେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପିପିଲି ବଜାର ପଞ୍ଚୁ ଦୋଳ ମେଳନ ପଡିଆରେ ତିନିଦିନିଆ ସପ୍ତଦଶ ଜାଗୃତି ମହୋତ୍ସବ ୨୦୨୬ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଏହି ବର୍ଷ ମହୋତ୍ସବ ସହ ପୁସ୍ତକ ମେଳା ମଧ କାର୍ଯ୍ୟକ୍ରମରେ ସାମିଲ ହୋଇଛି । ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ବହୁ ପ୍ରଶଂସା କରିଥିଲେ । ସାମାଜିକ କ୍ଷେତ୍ରରେ ଅନୁଷ୍ଠାନ ର ବଳିଷ୍ଠ ଅବଦାନକୁ ବହୁ ପ୍ରଶଂସା କରି ସରକାରସ୍ତରରେ ଜଗୃତି ମହୋତ୍ସବ ପାଳନ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗୀତିକାର ଶ୍ରୀକାନ୍ତ ଗୌତମ , ଲକ୍ଷ୍ୟ ଟେକ୍ନୋଲଜି ପ୍ରତିଷ୍ଠାନର ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଦାଶ, ବିଶିଷ୍ଟ ଉଦ୍ୟୋଗପତି ଏନ୍ ଗଙ୍ଗାଧର ରେଡ୍ଡୀ, ପୁସ୍ତକ ମେଳା ର ସଭାପତି ଭିକାରୀ ଚରଣ ଧଳ, ସମ୍ପାଦକ



ଅର୍ଜୁନ ଘଡେଇ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୁମରବର ଦାସ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବ ମାଧ୍ୟମରେ ଭାରତୀୟ ନବବର୍ଷ ପାଳନର ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଅନୁଷ୍ଠାନର ଅବଦାନକୁ ବହୁ ପ୍ରଶଂସା କରିଥିଲେ । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଡଃ. ସଚ୍ଚୀକାନ୍ତ ନାୟକ, ଉପଦେଷ୍ଟା ମଣ୍ଡଳୀ ଇଂ ରମେଶ ସତପଥୀ, ବାମଦେବ ମିଶ୍ର, ରଘୁନାଥ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ କୃଷକ ରତ୍ନ ସମ୍ମାନରେ ଗୁନ୍ଥଳ ଗ୍ରାମର ବିଜୟ କୁମାର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହ ଲକ୍ଷ୍ୟ ଟେକ୍ନୋଲଜି ପ୍ରତିଷ୍ଠାନର ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଦାଶଙ୍କୁ ଜାଗୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହାସହ ବିଭିନ୍ନ କ୍ଷେତ୍ରରେ ଅଂଚଳ ପାଇଁ ସୁନାମ ସହ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଯୋଡ଼ି ହୋଇଥିବା ପ୍ରଥମ ପୁସ୍ତକ ମେଳା ଅବସରରେ ପୁସ୍ତକ ସମିତି ଦ୍ୱାରା ପ୍ରଥମ ପତ୍ରିକା ଉତ୍କର୍ଷ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ ପ୍ରାଚିସଂଗୀତ ବିଦ୍ୟାଳୟର କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ସଙ୍ଗୀତ ଏବଂ ଜାଗୃତି ନୃତ୍ୟାଞ୍ଜଳି ପରିବେଷଣ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲ । ଏହାସହ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ରଣପା ନୃତ୍ୟ ଦଳ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ମିଡିଆ ଆବାହକ ତଥା ସାମ୍ବାଦିକ ମନୋରଂଜନ ମହାପାତ୍ରଙ୍କ ଦ୍ୱାରା ମହୋତ୍ସବ ସନ୍ଧ୍ୟାରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । ଅନୁଷ୍ଠାନର ସାଧାରଣ ସଂପାଦକ ବିଭୁତି ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ, ବିକାଶ ଅଗ୍ରୱାଲ, ମାନସ ମହାପାତ୍ର, ମୁନୁ ଅଗ୍ରୱାଲ, ପ୍ରଫୁଲ୍ଲ ସାହୁ , ବାପୁ ବେହେରା, ସମ୍ପଦ ମହାପାତ୍ର, ପ୍ରଫୁଲ୍ଲ ପ୍ରଧାନ, ପ୍ରିତମ ବେହେରା, ଚନ୍ଦନ ମହାନ୍ତି, ଗଜେନ୍ଦ୍ର ବେହେରା, ସୌମ୍ୟରଞ୍ଜନ ବେହେରାଙ୍କ ସହ ଜାଗୃତି ସଂଗଠନର ସମସ୍ତ ସଭ୍ୟ ସଭ୍ୟାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ତିଥି : (ତୃତୀୟା : (ଅଶ୍ୱିନୀ ମେଷ)
ଅମୃତବେଳା: ଦିବା ଘ.୯ ।୫୪ ଗତେ ଘ୧ ।୦୬ ମଧ୍ୟେ

## ଆଜିର ଅନୁଚିନ୍ତନ

ତେଣୁ ତୁମେ ନିରନ୍ତର ଅନାସକ୍ତ ହୋଇ ସୁଚାରୁରୂପେ କର୍ତ୍ତବ୍ୟ-କର୍ମ ଆଚରଣ କର, କାରଣ ଅନାସକ୍ତିପୂର୍ବକ କର୍ମ କରି ମନୁଷ୍ୟ ପରମାତ୍ମାଙ୍କୁ ପ୍ରାପ୍ତ ହୁଏ । - ଶ୍ରୀମଦ୍ ଭଗବଦ୍ ଗୀତା

# ଭବିଷ୍ୟତ ପାଇଁ ଆଶ୍ୱସ୍ତିର ବିଷୟ

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର କୃଷକମାନଙ୍କ ସମୃଦ୍ଧି ଏବଂ କୃଷି କ୍ଷେତ୍ରର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିବାର ସୁଫଳ ସ୍ୱରୂପ, ଆମର କୃଷି କ୍ଷେତ୍ର ସ୍ଥିର ଗତିରେ ପ୍ରଗତି କରୁଛି । ରାଜ୍ୟଗୁଡ଼ିକରୁ ପ୍ରାପ୍ତ ଫସଲ କ୍ଷେତ୍ର ତଥ୍ୟକୁ ରିମୋଟ୍ ସେନ୍ସିଂ, ସାପ୍ତାହିକ ଫସଲ ପାଣିପାଗ ପର୍ଯ୍ୟବେକ୍ଷଣ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକରୁ ପ୍ରାପ୍ତ ସୂଚନା ଏହା ପ୍ରମାଣିତ କରେ । ଏହା ବ୍ୟତୀତ, ଉତ୍ପାଦନ ଆକଳନ ଫସଲ ଅମଳ ପ୍ରୟୋଗ (ସିସିଇ), ପୂର୍ବ ଧାରା ଏବଂ ଅନ୍ୟାନ୍ୟ ଯୋଗଦାନକାରୀ କାରଣ ଉପରେ ଆଧାରିତ । ଦ୍ୱିତୀୟ ଅଗ୍ରିମ ଆକଳନ ଖରିଫ ଏବଂ ରବି ଋତୁକୁ ସାମିଲ କରିଥାଏ । ଗ୍ରୀଷ୍ମ ଋତୁକୁ ତୃତୀୟ ଅଗ୍ରିମ ଆକଳନରେ ସାମିଲ କରାଯିବ ।ଏଥର ଖାଦ୍ୟଶସ୍ୟ ଉତ୍ପାଦନ ପରିସ୍ଥିତି ଅତ୍ୟନ୍ତ ଦୃଢ଼ ଏବଂ ଏକ ରେକର୍ଡ ସ୍ତରରେ ଥିବା ପରି ମନେ ହେଉଛି । ୨୦୨୫-୨୬ ପାଇଁ ଦ୍ୱିତୀୟ ଅଗ୍ରିମ ଆକଳନ ଅନୁଯାୟୀ, ଖରିଫ ଖାଦ୍ୟଶସ୍ୟ ଉତ୍ପାଦନ ୧୭୪୧.୪୪ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି) ଏବଂ ରବି ଖାଦ୍ୟଶସ୍ୟ ଉତ୍ପାଦନ ୧୭୪୫.୧୩ ଏଲଏମଟି ହେବ ବୋଲି ଆକଳନ କରାଯାଇଛି । ଏହା ଗତ ବର୍ଷର ଖରିଫ ଖାଦ୍ୟଶସ୍ୟ ଉତ୍ପାଦନ ୧୬୯୪.୬୦ ଏଲଏମଟି ଏବଂ ରବି ଖାଦ୍ୟଶସ୍ୟ ଉତ୍ପାଦନ ୧୬୯୧.୬୬ ଏଲଏମଟି ତୁଳନାରେ ଯଥାକ୍ରମେ ପ୍ରାୟ ୪୬ ଏଲଏମଟି (୨.୮ପ୍ରତିଶତ) ଏବଂ ୫୩ ଏଲଏମଟି (୩.୨ପ୍ରତିଶତ) ଅଧିକ ।ଖରିଫ ଧାନ ଉତ୍ପାଦନ ୨୦୨୪-୨୫ ମସିହାର ୧୨୨୭.୭୨ ଲକ୍ଷ ମେଟ୍ରିକ ଟନ୍ ତୁଳନାରେ ୧୨୩୯.୨୮ ଲକ୍ଷ ମେଟ୍ରିକ ଟନ୍ ହେବ ବୋଲି ଆକଳନ କରାଯାଇଛି, ଯାହା ୧୧.୫୬ ଲକ୍ଷ ମେଟ୍ରିକ ଟନ୍ ଅଧିକ । ରବି ଧାନ ଉତ୍ପାଦନ ୧୬୭.୨୦ ଲକ୍ଷ ମେଟ୍ରିକ ଟନ୍ ହେବ ବୋଲି ଆକଳନ କରାଯାଇଛି । ଗହମ ଉତ୍ପାଦନ ୧୨୦୨.୧୦ ଲକ୍ଷ ମେଟ୍ରିକ ଟନ୍ ହେବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ବର୍ଷର ୧୧୭୯.୪୫ ଲକ୍ଷ ମେଟ୍ରିକ ଟନ୍ ତୁଳନାରେ ୨୨.୬୫ ଲକ୍ଷ ମେଟ୍ରିକ ଟନ୍ ଅଧିକ । ଶ୍ରୀଅନ୍ନ (ଖରିଫ) ଉତ୍ପାଦନ ୧୨୩.୪୩ ଏଲଏମଟି ଏବଂ ଶ୍ରୀଅନ୍ନ (ରବି) ୩୦.୯୮ ଏଲଏମଟି ହେବ ବୋଲି ଆକଳନ କରାଯାଇଛି । ଖରିଫ ମକା ଉତ୍ପାଦନ ରେକର୍ଡ ୩୦୨.୪୭ ଏଲଏମଟି ଏବଂ ରବି ମକା ଉତ୍ପାଦନ ରେକର୍ଡ ୧୫୯.୦୩ ଏଲଏମଟି ହେବ ବୋଲି ଆକଳନ କରାଯାଇଛି, ଯାହା ଫଳରେ ପୁଷ୍ଟିକର ଶସ୍ୟରେ ମଧ୍ୟ ଦୃଢ଼ ଅଭିବୃଦ୍ଧି ଘଟିଛି । ପୁଷ୍ଟିକର ଶସ୍ୟ (ଖରିଫ) ଉତ୍ପାଦନ ୪୨୫.୮୯ ଏଲଏମଟି ଏବଂ ନ୍ୟୁଟ୍ରି/ମୋଟା ଶସ୍ୟ (ରବି) ଉତ୍ପାଦନ ୨୧୩.୪୧ ଏଲଏମଟି ହେବ ବୋଲି ଆକଳନ କରାଯାଇଛି ।ହରଡ଼ ଏବଂ ଚଣା ଉତ୍ପାଦନ ଯଥାକ୍ରମେ ୩୪.୫୫ ଏଲଏମଟି ଏବଂ ୧୧୭.୯୨ ଏଲଏମଟି ଏବଂ ମସୁର ଉତ୍ପାଦନ ୧୭.୩୩ ଏଲଏମଟି ହେବ ବୋଲି ଆକଳନ କରାଯାଇଛି ।

ଖରିଫ ଏବଂ ରବି ଚିନାବାଦାମର ଉତ୍ପାଦନ ଯଥାକ୍ରମେ ୧୧୨.୯୪ ଏଲଏମଟି ଏବଂ ୭.୯୭ ଏଲଏମଟି ହେବ ବୋଲି ଆକଳନ କରାଯାଇଛି ।ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମ ଦେଶରେ କୃଷକଙ୍କ ଏପରି ଅବଦାନ ଭାରତର ଭବିଷ୍ୟତ ପାଇଁ ଆଶ୍ୱସ୍ତିର ବିଷୟ ।

# ମୁଁ ଦେଖିଥିବା 'ଭୁବନେଶ୍ୱର'(୩)

**ବଟକୃଷ୍ଣ ତ୍ରିପାଠୀ**

“ ୧୯୫୯ ମସିହା ଜୁନ ମାସରେ ମୋର ନାଁ ଲେଖା ବିଜେବି କଲେଜରେ ହେଲା । ମୁଁ ସେତେବେଳେ କଳା ଓ ବିଜ୍ଞାନ ସଂପର୍କରେ ଭଲ ଭାବରେ ଜାଣିନଥିଲି । ମୁଁ କଳାରେ ନାଁ ଲେଖାଇଲି (୧୯୫୯) ପ୍ରି-ୟୁନିଭରସିଟି ଆରମ୍ଭ ହୋଇଥାଏ । ଆଏ, ବିଏ ବଦଳି ଗଲା । ମୁଁ ପ୍ରି-ୟୁନିଭରସିଟି ଆର୍ଟ୍ସରେ ନାଁ ଲେଖାଇ ବନବିହାରୀଙ୍କ (୨ନଂ ୟୁନିଟ)ରୁ ଚାଲି ଚାଲି ବିଜେବି କଲେଜ ଗଲି । ସେତେବେଳେ ବିଜେବି କଲେଜ ୧ ନଂ ୟୁନିଟ୍‌ରେ କେତେକ ସରକାରୀ କ୍ୱାର୍ଟରରେ ଚାଲିଥାଏ । ବର୍ତ୍ତମାନର ବିଜେବି କଲେଜ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ସରିନଥାଏ । ଦିନେ ଦୁଇଦିନ ପରେ ଦେଖିଲି ୬୦ ଭାଗରୁ ଅଧିକ ପୁଅ ଝିଅମାନେ ଚାଲି ଚାଲି କଲେଜ ଆସୁଥାଆନ୍ତି ।

୧୯୫୭-୫୮ ମସିହା ବେଳକୁ ରାଜଧାନୀ ଭୁବନେଶ୍ୱର ସହରୀକରଣ ଆରମ୍ଭ ହେଉଥାଏ । ପୂର୍ବରୁ ପୁରୁଣା ଭୁବନେଶ୍ୱର କହିଲେ (ଓଲଡ୍ ଟାଉନ) ଲିଙ୍ଗରାଜ ମନ୍ଦିର ଅଞ୍ଚଳକୁ ହିଁ ବୁଝାଏ । ନୂଆ ହୋଇ ଗଢି ଉଠିଥିବା ସହରକୁ ସେତେବେଳେ ନ୍ୟୁ କ୍ୟାପିଟାଲ - ଭୁବନେଶ୍ୱର ବୋଲି କୁହାଯାଉଥିଲା । ସଚିବାଳୟ, ବିଧାନସଭା ଗୃହ, ଏଜି ଅଫିସ ଏବଂ ଅନ୍ୟାନ୍ୟ ସରକାରୀ ଅଫିସ ଗୃହମାନଙ୍କର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥାଏ । କଟକରୁ, ରାଜଧାନୀ ସଂପୂର୍ଣ୍ଣ ଭାବରେ ଭୁବନେଶ୍ୱରକୁ ଆସି ନଥାଏ । ସରକାରୀ କର୍ମଚାରୀମାନେ କଟକ-ଭୁବନେଶ୍ୱର ହେଉଥାଆନ୍ତି । ୧୯୫୮ ମସିହା ଶେଷ ବେଳକୁ ସରକାରୀ କର୍ମଚାରୀମାନଙ୍କ ରହିବା ପାଇଁ ପ୍ରାୟ ୪ଟି ୟୁନିଟ୍ (ୟୁନିଟ୍ ୧,୨,୩ ଓ ୪) ଏବଂ ଏଜି ଅଫିସର କର୍ମଚାରୀଙ୍କ ପାଇଁ ୪ନଂ ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଶେଷ ହୋଇ କର୍ମଚାରୀମାନେ ରହିବା ଆରମ୍ଭ କରୁଥାନ୍ତି ।



କର୍ମଚାରୀମାନଙ୍କ ସୁବିଧା ପାଇଁ ଦୁଇ ନଂ ୟୁନିଟ୍‌ରେ ମାର୍କେଟ ବିଲଡିଂ ନିର୍ମାଣ ହୋଇ ବିଭିନ୍ନ ଅତ୍ୟାବଶ୍ୟକ ଜିନିଷ ମାନ ପାଇଁ ଦୋକାନ ଖୋଲିଥାଏ । ବାହାରୁ ମଧ୍ୟ ବ୍ୟବସାୟୀମାନେ ଆସି ବଡ଼ ବଡ଼ ଦୋକାନ ଖୋଲୁଥାନ୍ତି । ଆଜିର ୨ ନଂ ମାର୍କେଟ ବିଲ୍‌ଡିଂରେ ଥିବା ବର୍ମା ଜେନେରାଲ ଷ୍ଟୋର ଠାରୁ ଆରମ୍ଭ କରି ବଡ଼ ବଡ଼ ଦୋକାନମାନ ସେହି ସମୟର । କୁହାଯାଉଥିଲା (ସେତେବେଳେ) ଏହି ପଂଜାବୀ ବ୍ୟବସାୟୀମାନଙ୍କର ଦୋକାନ ତାହା ପୂର୍ବରୁ ବର୍ମା ଏବଂ ଅନ୍ୟ ବାହାର ଦେଶର ସହରରେ ଥିଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧବେଳେ ସେମାନେ ସେଠାରୁ ଦୋକାନ ଭାଙ୍ଗି ତାଙ୍କ ନିଜ ରାଜ୍ୟକୁ ଫେରିଆସିଥିଲେ । ଭୁବନେଶ୍ୱରରେ ଯେତେବେଳେ ନୂଆ ହୋଇ ରାଜଧାନୀ ଆରମ୍ଭ ହେଲା ସେତେବେଳେ ସେମାନେ ନିଜ ନିଜ ପୂର୍ବ ଅଭିଜ୍ଞତାର ସୁଯୋଗ ନେଇ ଏଠାରେ ଦୋକାନମାନ ଆରମ୍ଭ କଲେ । ଏବଂ ପରିବାର ସହ ରହି ସ୍ଥାୟୀ ବାସିନ୍ଦା ହୋଇଗଲେ । ସେମାନଙ୍କ ପିଲାମାନଙ୍କ ପଢିବା ପାଇଁ ଭୁବନେଶ୍ୱରରେ ଇଂଲିଶ ମିଡିୟମ ବିଦ୍ୟାଳୟମାନ ଆସ୍ତେ ଆସ୍ତେ ଆରମ୍ଭ ହେଲା । ଆଜିର କନ୍‌ଭେଣ୍ଟ, ଷ୍ଟିୱାର୍ଟ ବିଦ୍ୟାଳୟ ସେହି ସମୟରୁ ଆରମ୍ଭ ହୋଇଥିଲା । ସେତେବେଳେ କେହି ଇଂରାଜି ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ପ୍ରାୟତଃ ଅଣ ଓଡ଼ିଆ ପିଲାଏ ପଢୁଥିଲେ । ପରେ ପରେ ଓଡ଼ିଆ ପିଲାମାନେ ଏପରି ବିଦ୍ୟାଳୟମାନଙ୍କରେ ପଢିଲେ ।

୧୯୫୯ ମସିହାରେ ମୁଁ ମାଟ୍ରିକ ପରୀକ୍ଷା ଦେଲି । ସେତେବେଳେ ନିଆଳି ହାଇସ୍କୁଲର ସେଣ୍ଟର କଟକ ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲରେ ପଡ଼ିଥିଲା । ନିଆଳି ହାଇସ୍କୁଲର ହେଡମାଷ୍ଟର ବିଶ୍ୱନାଥ ମିଶ୍ର ଏବଂ ଇଂରାଜି ଶିକ୍ଷକ ନୀଳମଣି ମିଶ୍ର କଟକରୁ ନିଆଳି ଆସୁଥିବା ଆସୋସିଏନ ବସରୁ ଗୋଟିଏ ବସ୍ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ପିଲାମାନଙ୍କୁ ନେଇ କଟକ ଶେଖ୍ ବଜାରରେ ଠିକ୍ ହୋଇଥିବା ବସା ଘରେ ଛାଡ଼ି ଦେବା ପାଇଁ ବନ୍ଦୋବସ୍ତ କରିଥାଆନ୍ତି । ପରୀକ୍ଷାର ଦୁଇ ଦିନ ପୂର୍ବରୁ ନିର୍ଦ୍ଦିଷ୍ଟ ସମୟରେ ସ୍କୁଲ ପାଖେ ଏକତ୍ର ହୋଇ ଆମେ ସବୁ (୨୫ ଜଣ) ସାର୍‌ମାନଙ୍କ ସହ କଟକ ଆସୁଥିଲୁ । କଟକରେ ଠିକ୍ ହୋଇଥିବା ଘରେ ଓହ୍ଲାଇ ନିଜ ନିଜର ବାକ୍ସ, ବହିପତ୍ର ରଖି, ଉପରବେଳା ନିକଟସ୍ଥ ଚଣ୍ଡିମନ୍ଦିରକୁ ଯାଇ କଟକ ଚଣ୍ଡିକୁ ଦର୍ଶନ କରି ଫେରୁଥିଲୁ । ପରୀକ୍ଷା ଦେଇ ଘରକୁ ସେହି ନିଆଳି ଆସୁଥିବା ବସ୍‌ରେ ଫେରିଲୁ । ପରୀକ୍ଷା ମୁଣ୍ଡରୁ ଯାଇଥିବା ଯୋଗୁଁ ଘରେ ପହଞ୍ଚିବା ପରେ ଆମ୍ବତୋଟାରେ ବହୁ ସମୟ କଟୁଥିଲା । ପରୀକ୍ଷା ଫଳ ବାହାରିବା ସମୟରେ ଯେତିକି ପାଖେଇ ଆସୁଥାଏ, ଛାତି ସେତିକି ଧଡ଼ ଧଡ଼ ହେଉଥାଏ । ଶେଷରେ ପରୀକ୍ଷା ଫଳ ବାହାରିଲା । ଏବଂ ମୁଁ ସେକେଣ୍ଡ ଡିଭିଜନରେ ପାସ୍ କରିଛି ବୋଲି ଖବର ପାଇ ନିଆଳି ସ୍କୁଲକୁ ଆସି ସାର୍‌ଙ୍କ ଠାରୁ ବୁଝି ଘରକୁ ଫେରିଥିଲି ।

କିଛିଦିନ ଯିବା ପରେ ପ୍ରଶ୍ନ ଉଠିଲା ମାଟ୍ରିକ୍ ପାସ କରିବା ପରେ ମୁଁ କ'ଣ କରିବି ? ନନା କହିଲେ ମାଟ୍ରିକ ତ ପାସ କଲୁଣି, ଏବେ ଚାକିରି କର । ଆମେ ଭୁବନେଶ୍ୱର ଯାଇ ବନବିହାରୀଙ୍କ ଠାରୁ ବୁଝି ଚାକିରି ବ୍ୟବସ୍ଥା କରିବା । ନନାଙ୍କ କଥା ଶୁଣି ବୋଉ କହିଲା କି ଚାକିରି କରିବ ? ଅସରପା ଗୋଟେ ଚଢେଇ, ମାଟ୍ରିକ ପାସ ଗୋଟିଏ ପାଠ ? ନା, ସେ କଲେଜରେ ପଢିବ । ଏବେ ତ ଭୁବନେଶ୍ୱରରେ କଲେଜ ହେଲାଣି । ତୁମେ ଯାଆ, ବନବିହାରୀ ସହିତ କଥାବାର୍ତ୍ତା କର । ସେ ତ ଏକୁଟିଆ ରହୁଛି । ତାହାରି ବସାରେ ରହି ପୁଅକୁ କଲେଜରେ ପଢାଇବାର ବନ୍ଦୋବସ୍ତ କର । ମୁଁ (ବୋଉ) ମାସକୁ ମାସ ୫ ଗଉଣି ଚାଉଳ, ଗଉଣିଏ ଉଫା ମୁଗଡାଲି ଦେବି । ତୁମେ (ନନା) । ମାସକୁ ଟଙ୍କା କୋଡିଏଟା ପଠାଅ । ସେ ଭୁବନେଶ୍ୱରରେ ରହି କଲେଜରେ ପଢିବ । ନନା, ବୋଉଙ୍କ କଥାକୁ ଭାଙ୍ଗିପାରିଲେ ନାହିଁ । ଭୁବନେଶ୍ୱରର ବିଜେବି କଲେଜରେ ପାଠ ପଢିବା ସ୍ଥିର ହେଲା । ବନବିହାରୀ ବାବୁ, ତାଙ୍କ ଘରେ ମୁଁ ରହିବାକୁ ରାଜି ହେଲେ ।

୧୯୫୯ ମସିହା ଜୁନ ମାସରେ ମୋର ନାଁ ଲେଖା ବିଜେବି କଲେଜରେ ହେଲା । ମୁଁ ସେତେବେଳେ କଳା ଓ ବିଜ୍ଞାନ ସଂପର୍କରେ ଭଲ ଭାବରେ ଜାଣିନଥିଲି । ମୁଁ କଳାରେ ନାଁ ଲେଖାଇଲି (୧୯୫୯) ପ୍ରି-ୟୁନିଭରସିଟି ଆରମ୍ଭ ହୋଇଥାଏ । ଆଏ, ବିଏ ବଦଳି ଗଲା । ମୁଁ ପ୍ରି-ୟୁନିଭରସିଟି ଆର୍ଟ୍ସରେ ନାଁ ଲେଖାଇ ବନବିହାରୀଙ୍କ (୨ନଂ ୟୁନିଟ)ରୁ ଚାଲି ଚାଲି ବିଜେବି କଲେଜ ଗଲି । ସେତେବେଳେ ବିଜେବି କଲେଜ ୧ ନଂ ୟୁନିଟ୍‌ରେ କେତେକ ସରକାରୀ କ୍ୱାର୍ଟରରେ ଚାଲିଥାଏ । ବର୍ତ୍ତମାନର ବିଜେବି କଲେଜ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ସରିନଥାଏ । ଦିନେ ଦୁଇଦିନ ପରେ ଦେଖିଲି ୬୦ ଭାଗରୁ ଅଧିକ ପୁଅ ଝିଅମାନେ ଚାଲି ଚାଲି କଲେଜ ଆସୁଥାଆନ୍ତି । ବାକି ସବୁ (ସାର୍‌ମାନଙ୍କ ସହ) ସାଇକେଲରେ ଆସୁଥାଆନ୍ତି । କାରରେ କେବଳ ଦୁଇ ଜଣ ଝିଅ ସେତେବେଳେ ଆସୁଥିଲେ । (କ୍ରମଶଃ)

ଭୁବନେଶ୍ୱର

# ଭକ୍ତ ପ୍ରେମରେ ଭଗବାନ ଭୋକରେ

**ଜଗନ୍ନାଥ ବେହେରା**

ବିଶ୍ୱ ବ୍ରହ୍ମାଣ୍ଡ ପତି, ଅନନ୍ତ କୋଟିଙ୍କ ନାଥ,ଅକର୍ମା କର୍ମଦାୟକ, ପ୍ରଭୁ ପତିତପାବନ ମହାପ୍ରଭୁ, ଲକ୍ଷେ ଶୀଳା ଉପରେ ବିରାଜମାନ ସ୍ୱୟ ନାରାୟଣ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ । ସେ ଭକ୍ତର ଭଗବାନ । ଅଭାବୀର ଭାବଗ୍ରାହୀ । ନଟକୁଟିଆ କାଳିଆ ଠାକୁର । ଭକ୍ତଙ୍କ ଅପେକ୍ଷାରେ ଦିନରାତି । ଦିନେ ଭକ୍ତଟିଏ ବଡ ଦେଉଳକୁ ଆସି ନିବେଦନ କରି କହିଲା ପ୍ରଭୁ ସମସ୍ତଙ୍କ ହାତରୁ ତ ଖାଉଛ । ତୁମ ନିକଟରେ ପରେ ଛୁଆଁ ଅଛୁଆଁ କିଛି ନାହିଁ । ଦୁଃଖୀ ସୁଖୀ ମଧ୍ୟରେ ଅନ୍ତର ନାହିଁ । ଧନୀ ନିର୍ଧନୀ ମଧ୍ୟରେ ବାଛ ବିଚାର ନାହିଁ । ମୋର ଗୋଟିଏ ଛୋଟିଆ ନିବେଦନ ରଖିବ ପ୍ରଭୁ । ମୁଁ ଆପଣଙ୍କ ସହ ମିତ୍ର ହେବାକୁ ଚାହୁଁଛି । କିଛି ମାଗିବା ପାଇଁ ନୁହଁ । କେବଳ କିଛି ଦେବା ପାଇଁ । ମୁଁ ଆପଣଙ୍କୁ ପ୍ରତିଦିନ ଖାଇବାକୁ ଦେବି । ମୋ ଘରେ ଖୁଦ ପେଜ ଯାହା ତିଆରି ହେବ ଆପଣଙ୍କୁ ଆଣି ଏହି ବଡ ଦେଉଳରେ ସମର୍ପଣ କରିବି ତାହା ପାଇବେ । ବର୍ଷା ଆସୁ ,ମେଘ ହେଉ, ପ୍ରଳୟ ଆସୁ କି ଆଉ କିଛି ବିପ୍ରୀତ ଘଟୁ ମୁଁ କିନ୍ତୁ ଆପଣଙ୍କ ନିକଟକୁ ଆଣି ଆସିବି । ପ୍ରଭୁ ଭକ୍ତ ନିବେଦନକୁ ଟାଳି ପାରିଲେନାହିଁ । ଆନନ୍ଦରେ ହଁ କରିଲେ । ଭକ୍ତ କିନ୍ତୁ ସର୍ତ୍ତଟିଏ ରଖିଲେ । ପ୍ରଭୁ ମୁଁ ଆପଣଙ୍କୁ ବାର ବର୍ଷ ଖୁଆଇବି । କିନ୍ତୁ ଠିକ୍ ବାରବର୍ଷ ପୂରିଗଲେ ଆପଣ ମୋ ଘରକୁ ଖାଇବାକୁ ଯିବେ । ମୋ ଘରଣୀ ସାମ୍ନାରେ ଦୁଇଜଣ ମିଶି ଭୋଜନ କରିବା । ଭଗବାନ ଭକ୍ତର କଥାରେ ଖୁସି ହୋଇ ରାଜି ହୋଇଗଲେ । ପରଦିନ ଠାରୁ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ହୋଇଥିବା କଥା ଅନୁଯାୟୀ ବଡ ଦେଉଳକୁ ଭକ୍ତ ଖାଇବାକୁ ଆଣିଲେ । ଛପନ ଭୋଗକୁ ପରିତ୍ୟାଗ କରି ଭକ୍ତର ଶାଗ, ପଖାଳ,ଡାଲି,ବାଇଗଣ ପୋଡ଼ା, ବଡି ଚୁରାକୁ ପ୍ରଭୁ ଆନନ୍ଦରେ ଭୋଜନ କରିବାକୁ ଲାଗିଲେ । ଏମିତି ହେଉ ହେଉ କେବେ ବାର ବର୍ଷ ହୋଇଗଲା ପ୍ରଭୁ ଜାଣି ପାରିଲେନାହିଁ । ଭକ୍ତ କିନ୍ତୁ ବାର ବର୍ଷ ପୂର୍ତ୍ତିର ଠିକ୍ ତା ଆରଦିନ ଠାରୁ ଖାଇବାକୁ ଆଣିଲେ ନାହିଁ । ଅଭିମାନ କରି ରହିଗଲେ । ପ୍ରଭୁ ତାଙ୍କୁ ଠକି ଦେଲେ ବୋଲି ଭାବିଲେ । ସ୍ତ୍ରୀ ତାଙ୍କୁ ବାରମ୍ବାର ପଚାରିଲେ କାହିଁ ଆଜି ମଧ୍ୟ ତୁମ ଠାକୁର ଆସିଲେ ନାହିଁ । ଆଜି ମଧ୍ୟ ନାହିଁ । ଆଜି ମଧ୍ୟ ନାହିଁ । ଭକ୍ତଙ୍କୁ ଭାରି ବାଧିଲା । ପ୍ରଭୁ ମଧ୍ୟ ତିନି ଚାରି ଦିନ ହେଲା ଭକ୍ତର ଖାଦ୍ୟକୁ ଅପେକ୍ଷା କରି କରି ଭୋକରେ ରହିଗଲେ । ବାର ବର୍ଷ କଥା ତାଙ୍କ ମନରେ ନାହିଁ । ଭକ୍ତଙ୍କ ଦେହ ଭଲ ନ ଥିବ ଭାବି ଭୋକରେ ଅପେକ୍ଷା କରି କରି ରହିଲେ । ଦିନେ ଭକ୍ତଟି ଅତି ତର ତରରେ ଜଙ୍ଗଲ ବାହାରି ଥାଆନ୍ତି । କାଠ କାଟି ବିକ୍ରୀକରି ପେଟ ପୋଷିବା ନିମନ୍ତେ । ଖରାବେଳେ ଖାଇବା ପାଇଁ କିଛି ପଖାଳ ଏବଂ ଶାଗ ଭଜା ଟିକେ ଗାମୁଛାରେ ବାନ୍ଧି ଧରି ଯାଉଥିଲେ । ଏତେ ଅନ୍ୟମନସ୍କ ହୋଇଯାଉଥିବାର ଦୂରରେ ପିଲାଟିଏ ଲକ୍ଷ କରୁଥାଏ । ଗାଈ ଗୋଠ ମଧ୍ୟରେ ଭକ୍ତଟି ଦ୍ରୁତ ଗତିରେ ଆଗକୁ ବଢୁଥାଏ । ଗାଈ ଜଗା ପିଲାଟି ଲୋକଟିକୁ ଡାକି ଦୌଡୁଥିବାର କାରଣ ପଚାରିଲେ । ଭକ୍ତଟି କିଛି ନ କହି ଆଗକୁ ବଢ଼ିବାରେ ଲାଗିଲେ । ଗାମୁଛାରେ କିଛି ବନ୍ଧା ହୋଇଥିବାର ଦେଖି ଭୋକ ବିକଳରେ ପିଲାଟି ଲୋକଟିକୁ ଦେବା ପାଇଁ ବିନୀତ ହୋଇ ମାଗିଲେ । ବିଚାର ପିଲାଟିର ଏମିତି ବିକଳ ଦେଖି ଲୋକଟି ଅଟକି ଗଲେ । ପଚାରିଲେ ବାବୁ ତୁ ଆସିଲା ବେଳେ ତୋ ମା କିଛି ଦେଇନାହିଁ । ପିଲାଟି କହିଲା । ମା ଦେଲେ ,ସାହି ପଡିଶା ଆହୁରି ଅନେକ ଲୋକ ଦେଉଥିଲେ ମଧ୍ୟ ମୋତେ ସେଗୁଡ଼ାକ ଖାଇବାକୁ ଇଚ୍ଛା ହେଉ ନଥିଲା । ଦେଖିଲେ ବିରକ୍ତି ଲଗୁଥିଲା । ଏମିତି ଆଜକୁ ମୁଁ ପାଞ୍ଚ ଦିନ ହେଲା କିଛି ଖାଇନାହିଁ । ଘରେ ନ ରହି ବାଧ ହୋଇ ଗାଈ ଗୋଠରେ ଆସିଗଲି । କିନ୍ତୁ କାହିଁକି ବୋଲି ଭକ୍ତ ଲୋକଟିଏ ପ୍ରଶ୍ନ ରଖିଲେ । ପିଲାଟି କହିଲା ଜଣେ ଲୋକ ମୋ ପାଖକୁ ଆସି ମୋତେ ବାରବର୍ଷ ଖାଇବାକୁ ଦେବ ବୋଲି କହିଥିଲା ଏବଂ ଦେଉଥିଲା । ମୁଁ ଖାଉଥିଲି । ଆଜକୁ ପାଞ୍ଚ ଦିନ ହେଲା ସିଏ ଆଉ ଖାଇବାକୁ ଆଣୁ ନାହାନ୍ତି । ମୁଁ ତ ତାଙ୍କ ଘର ଦେଖିନାହିଁ । ବାଧ ହୋଇ ତାଙ୍କୁ ଅପେକ୍ଷା କରି ଭୋକରେ ଅଛି । ଭକ୍ତଟି ଆଖି ଛଳ ଛଳ କରି ପିଲାଟିକୁ ଭିଡି ଧରିଲା ।ପ୍ରଭୁ ଆଉ ଅପମାନ ଦିଆନାହିଁ । ମୁଁ ସେହି ଭକ୍ତ । ଯିଏ ଆପଣଙ୍କୁ ପାଞ୍ଚ ଦିନ ହେଲା ଭୋକରେ ରଖିଛି । ଖାଓ ପ୍ରଭୁ ଖାଓ । ଭକ୍ତି ଗାମୁଛା ଖୋଲି ଖୁଆଇ ଦେଲା । ପିଲାଟି ଜଗନ୍ନାଥ ରୂପ ଧାରଣ କରି ଜଗନ୍ନାଥ ଫଟୋଟିଏ ଦେଲେ । ଏହି ଫୋଟରେ ମୁଁ ଥିବି । ପ୍ରତିଦିନ ତମେ ଖାଇବାକୁ ଦେଲା ବେଳେ ଏହି ଫଟୋରେ ରହି ମୁଁ ରହି ପ୍ରସାଦ ସେବନ କରିବି । ତୁମେ ବଞ୍ଚିଥିବା ଯାଏଁ ତୁମର କିଛି ଅଭାବ ହେବ ନାହିଁ । ଏହି ଫଟୋ ଖଣ୍ଡିକ ଥିବା ଯାଏଁ ତୁମ ପରିବାରରେ କାହାକୁ ଦୁଃଖ ,ଦାରିଦ୍ର,ରୋଗ,ବ୍ୟାଧିରେ ରହିବାକୁ ଦେବ ନାହିଁ । ଭକ୍ତଟି ପ୍ରଭୁଙ୍କୁ ଧନ୍ୟବାଦ ପ୍ରଦାନ କରି ଫଟୋ ଧରି ଘରକୁ ଫେରିଲେ ଏବଂ ସ୍ତ୍ରୀଙ୍କୁ ସବୁ କଥା କହିଲେ । ନିଜକୁ ଧିକାର କରିଲେ ଯେ ଭକ୍ତ ପାଇଁ ଭଗବାନ ଭୋକରେ ରହିଥିବାରୁ । ପ୍ରତ୍ୟେକ କାର୍ଯ୍ୟ ନିଷ୍ଠାର ସହିତ କରନ୍ତୁ ଦେଖିବେ ଦୁଃଖ ଆସିବ ନାହିଁ ।

ଗାୟତ୍ରୀ ନଗର, ନବରଙ୍ଗପୁର, ମୋ ୯୪୩୭୭୮୫୧୫୮

# ସମଗ୍ର ବିଶ୍ୱ ଟ୍ରମ୍ପଙ୍କ ବିରୁଦ୍ଧରେ ଏକତ୍ର କାହିଁକି ?

**ଅସିତ ମହାନ୍ତି**

“ ସମସ୍ତ ଦେଶ ଭାବୁଛନ୍ତି ଯେ ଯଦି ଇରାନରୁ ତେଲ ଆସୁନାହିଁ, ତେବେ ସେମାନେ ଅନ୍ୟ ସ୍ଥାନରୁ ଏହାର ବ୍ୟବସ୍ଥା କରିବେ । ତେଣୁ, ସମସ୍ତ ଦେଶ ନିଷ୍ପତ୍ତି ନେଇଛନ୍ତି ଯେ ସେମାନଙ୍କର ପ୍ରଥମ ପ୍ରାଥମିକତା ହେଉଛି କିପରି ସେମାନଙ୍କର ଅର୍ଥନୀତିକୁ ରକ୍ଷା କରାଯିବ, ଏବଂ ତେଣୁ, ସେମାନଙ୍କୁ ଯୁଦ୍ଧରୁ ଦୂରେଇ ରହିବାକୁ ପଡିବ । ସମସ୍ତ ଦେଶ ଆମେରିକା ପ୍ରତି ବିଶ୍ୱାସର ଅଭାବ ଦେଖାଇଛନ୍ତି । ଟ୍ରମ୍ପ ତାଙ୍କ ନାଟୋ ଦେଶମାନଙ୍କ ସହିତ ମଧ୍ୟ ପରାମର୍ଶ କରି ନଥିଲେ, ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ କଥାବାର୍ତ୍ତା କଲେ ନାହିଁ । ଯେତେବେଳେ ଟ୍ରମ୍ପ ଯୁଦ୍ଧ ଆରମ୍ଭ କଲେ, ସେ କହିଲେ ଯେ ସେ ଇରାନର ଶାସନ ପରିବର୍ତ୍ତନ କରିବେ, ତାପରେ ଆତଙ୍କବାଦ ବିଷୟରେ କଥା କହିଲେ, ତାପରେ ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟରେ କହିଲେ, ଏବଂ ତାପରେ ସେ କହିଛନ୍ତି ଯେ ସେ ଯାହା କରିବାକୁ ଥିଲା ତାହା କରିଛନ୍ତି ।

ଇତିହାସରେ କେବେ ଏପରି ଘଟିନାହିଁ ଯେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ, ଆମେରିକା ଏବଂ ଏହାର ରାଷ୍ଟ୍ରପତି ସାହାଯ୍ୟ ମାଗୁଛନ୍ତି, କିନ୍ତୁ ବିଶ୍ୱ ମୁହଁ ଫେରାଇ ଦେଇଛି । ଏଥର ଏପରି କ'ଣ ଘଟିଲା ଯାହା ସମଗ୍ର ବିଶ୍ୱକୁ ହାତ ଟେକିବାକୁ ବାଧ କଲା ? ଏହା ଏକ ପ୍ରମୁଖ ଅନ୍ତର୍ଜାତୀୟ ଘଟଣା ଯାହାକୁ ବୁଝିବା ଆବଶ୍ୟକ । ଏହା ଏକ ନୂତନ ବିଶ୍ୱର ଆରମ୍ଭ, ଯାହା ସ୍ୱାଭାବିକ ଭାବରେ ସମସ୍ତଙ୍କୁ ପ୍ରଭାବିତ କରିବ । ଟ୍ରମ୍ପ ସାହାଯ୍ୟ ମାଗିଥିଲେ, ବିଶେଷକରି ଇରାନର କବଜାରୁ ହର୍ମୁଜ୍ ପ୍ରଣାଳୀକୁ ମୁକ୍ତ କରିବା ପାଇଁ, ଯାହା ବିଶ୍ୱ ପାଇଁ ଚିନ୍ତାର କାରଣ । କିନ୍ତୁ ବିଶ୍ୱ ତାଙ୍କୁ ସମର୍ଥନ କଲା ନାହିଁ ।

ଏଠାରେ ପ୍ରଶ୍ନ ହେଉଛି କାହିଁକି ସମଗ୍ର ବିଶ୍ୱ ଟ୍ରମ୍ପଙ୍କ ବିରୁଦ୍ଧରେ ଏକତ୍ର ହେଲା ? ଇରାନ ବିରୁଦ୍ଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନକୁ ଏପିକ୍ ଫ୍ୟୁରି କୁହାଯାଏ । ଏହି କାର୍ଯ୍ୟାନୁଷ୍ଠାନ ବିଶ୍ୱକୁ ପରିବର୍ତ୍ତନ କରିଛି । ଏହାକୁ 'ନୋ ଏପିକ୍ ଫ୍ୟୁରି' ବୋଲି କୁହାଯାଉଛି । ଏହା ନୁହେଁ ଯେ ସମସ୍ତ ଦେଶ ଇରାନ ପକ୍ଷରେ ଅଛନ୍ତି । ସମସ୍ତ ଦେଶ ନିଜ ନିଜର ଯଥାର୍ଥତା ଦେଇଛନ୍ତି । ପ୍ରଥମ କାରଣ ହେଉଛି ଏହି ଯୁଦ୍ଧର କୌଣସି ଆଇନଗତ ଆଧାର ନାହିଁ । ଆପଣ ନିଜ ଇଚ୍ଛାରେ ଯୁଦ୍ଧ ଆରମ୍ଭ କରିଥିଲେ; ଏହା ଆପଣଙ୍କର ବ୍ୟକ୍ତିଗତ ଯୁଦ୍ଧ । ତେଣୁ, ଆମେ ଆପଣଙ୍କୁ ସମର୍ଥନ କରିପାରିବୁ ନାହିଁ । ପୂର୍ବ ସମସ୍ତ ଯୁଦ୍ଧକୁ ଜାତିସଂଘର ଆଦେଶ ଦ୍ୱାରା ସମର୍ଥନ କରାଯାଇଥିଲା, କିନ୍ତୁ ଏଥର କୌଣସି ଜାତିସଂଘର ଆଦେଶ ନାହିଁ । ଟ୍ରମ୍ପ ନିଜ ଲୋକଙ୍କ ସହିତ ମଧ୍ୟ ପରାମର୍ଶ କରି ନଥିଲେ । ଏହା ଜଣାଶୁଣା ଯେ ଯେତେବେଳେ ଆମେରିକା ଏବଂ ଇରାନ ପ୍ରତିନିଧି ଜେନେଭାରେ ଆଲୋଚନା କରୁଥିଲେ, ସପ୍ତାହ ଶେଷରେ ହଠାତ୍ ଇରାନ ଉପରେ ଆକ୍ରମଣ କରିବା ପଛରେ ଯୁକ୍ତି କେହି ବୁଝି ନଥିଲେ । ସମସ୍ତେ ବୁଝିଥିଲେ ଯେ ଏହା ଏକ ଏକପାଖିଆ ଯୁଦ୍ଧ । ଯଦି ଆମେ ଏଥିରେ ଫସିଯାଉ, ତେବେ ଆମେ ଦୁଃଖ ଭୋଗିବୁ । ଆମେ ଆମ ନିଜ ଲୋକଙ୍କୁ କ'ଣ ଉତ୍ତର ଦେବୁ ? ସେଥିପାଇଁ ଦେଶମାନେ କହିଥିଲେ, 'ଏହା ଆମର ଯୁଦ୍ଧ ନୁହେଁ, ଏବଂ ତେଣୁ, ଏହା ଆମର ଦାୟିତ୍ୱ ନୁହେଁ ।' ସମସ୍ତେ ହର୍ମୁଜ୍ ପ୍ରଣାଳୀର ବିପଦ ଜାଣିଥିଲେ, କାରଣ ଇରାନ ଏପରି ଏକ ଦେଶ ନୁହେଁ ଯାହାକୁ ଭୟଭୀତ କରି ଏହାର ରାସ୍ତା ଖୋଲି ଦିଆଯାଇପାରିବ । ଏହାର ଅର୍ଥ ହେଉଛି ଯେ ସମସ୍ତ ଦେଶ ଅନୁଭବ କରିଥିଲେ ଯେ ଏହି ଯୁଦ୍ଧରେ ବିପଦ ଅତ୍ୟଧିକ । ଏହା ଲାଭଦାୟକ ନୁହେଁ, ତେଣୁ ଦୂରେଇ ରହିବା ଭଲ । ନଚେତ୍, ଯଦି ଆମର ସୈନ୍ୟମାନେ ଯାଇ ଅସ୍ତ୍ର ବ୍ୟବହାର କରନ୍ତି, ତେବେ ଆମକୁ ଏହାର ମୂଲ୍ୟ ବହନ କରିବାକୁ ପଡିବ । ଏବେ, ଟ୍ରମ୍ପ ସମ୍ପୂର୍ଣ୍ଣ ମୂଲ୍ୟ ବହନ କରୁଛନ୍ତି । ସମସ୍ତଙ୍କର ଆର୍ଥିକ ସ୍ୱାର୍ଥ ଅଛି । ସମସ୍ତ ଦେଶ ଭାବୁଛନ୍ତି ଯେ ଯଦି ଇରାନରୁ ତେଲ ଆସୁନାହିଁ, ତେବେ ସେମାନେ ଅନ୍ୟ ସ୍ଥାନରୁ ଏହାର ବ୍ୟବସ୍ଥା କରିବେ । ତେଣୁ, ସମସ୍ତ ଦେଶ ନିଷ୍ପତ୍ତି ନେଇଛନ୍ତି ଯେ ସେମାନଙ୍କର ପ୍ରଥମ ପ୍ରାଥମିକତା ହେଉଛି କିପରି ସେମାନଙ୍କର ଅର୍ଥନୀତିକୁ ରକ୍ଷା କରାଯିବ, ଏବଂ ତେଣୁ, ସେମାନଙ୍କୁ ଯୁଦ୍ଧରୁ ଦୂରେଇ ରହିବାକୁ ପଡିବ । ସମସ୍ତ ଦେଶ ଆମେରିକା ପ୍ରତି ବିଶ୍ୱାସର ଅଭାବ ଦେଖାଇଛନ୍ତି । ଟ୍ରମ୍ପ ତାଙ୍କ ନାଟୋ ଦେଶମାନଙ୍କ ସହିତ ମଧ୍ୟ ପରାମର୍ଶ କରି ନଥିଲେ, ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ କଥାବାର୍ତ୍ତା କଲେ ନାହିଁ । ଯେତେବେଳେ ଟ୍ରମ୍ପ ଯୁଦ୍ଧ ଆରମ୍ଭ କଲେ, ସେ କହିଲେ ଯେ ସେ ଇରାନର ଶାସନ ପରିବର୍ତ୍ତନ କରିବେ, ତାପରେ ଆତଙ୍କବାଦ ବିଷୟରେ କଥା କହିଲେ, ତାପରେ ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟରେ କହିଲେ, ଏବଂ ତାପରେ



ସେ କହିଛନ୍ତି ଯେ ସେ ଯାହା କରିବାକୁ ଥିଲା ତାହା କରିଛନ୍ତି । ଲୋକମାନେ ବୁଝିପାରୁ ନାହାଁନ୍ତି ଯେ ଏହି ଯୁଦ୍ଧ କାହିଁକି ଲଢ଼ାଯାଉଛି । ଆମେରିକୀୟ ଜନସାଧାରଣ ତାଙ୍କ ସହିତ ନାହାନ୍ତି । ତାଙ୍କ ନିଜ ଦଳର ସଦସ୍ୟମାନେ ମଧ୍ୟ ତାଙ୍କ ସହିତ ନାହାନ୍ତି । ସାରା ବିଶ୍ୱରେ ଆମେରିକା ବିରୁଦ୍ଧରେ ବ୍ୟାପକ ଜନମତ ଅଛି, ଯାହା ପାଇଁ ଟ୍ରମ୍ପ ନିଜେ ଦାୟୀ । ସେ ତାଙ୍କ ଭାବମୂର୍ତ୍ତିକୁ ଏତେ ଖରାପ କରିଛନ୍ତି ଯେ ଲୋକମାନେ ତାଙ୍କ ଉପରେ ବିଶ୍ୱାସ କରିବା ବନ୍ଦ କରିଦେଇଛନ୍ତି । ଏହି କାରଣରୁ ସାରା ବିଶ୍ୱରେ ଇରାନ ପ୍ରତି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସହାନୁଭୂତି ରହିଛି । ଟ୍ରମ୍ପ ଯାହା ବି କହୁଛନ୍ତି, ଏହା ହେଉଛି ବାସ୍ତବତା । ତେଣୁ, ଯଦି ବିଶ୍ୱର କୌଣସି ରାଜନୈତିକ ନେତା ଇରାନକୁ ବିରୋଧ କରନ୍ତି, ତେବେ ସେହି ଦେଶର ଲୋକମାନେ ସେମାନଙ୍କୁ ସମର୍ଥନ କରିବେ ନାହିଁ, ଯାହା ଦେଶ ପାଇଁ ଏକ ସମସ୍ୟା । ତେଣୁ, କେହି ବିପଦ ନେବାକୁ ପ୍ରସ୍ତୁତ ନୁହଁନ୍ତି । ଏହା ବ୍ୟତୀତ, ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଗଭୀର ଭାବରେ, ସମସ୍ତ ଦେଶ ଖୁସି ହେଉଛନ୍ତି ଯେ କେହି ଜଣେ ଶେଷରେ ଆମେରିକାକୁ ଆଣ୍ଠୁ ମାଡି ତଳେ ବସାଇଦେଇଛି । ଟ୍ରମ୍ପ୍ ଯେପରି ବିଶ୍ୱ ପାଇଁ ଜୀବନକୁ ଦୁର୍ବିସହ କରିଦେଇଛନ୍ତି ଏବଂ ଯେଉଁ ପ୍ରକାରର ଗୁଣ୍ଡାଗିରିର ପରିବେଶ ସୃଷ୍ଟି କରିଛନ୍ତି, ଲୋକମାନେ ଏଥିରୁ ମୁକ୍ତି ପାଇବାକୁ ଚାହୁଁଥିଲେ ଏବଂ ଇରାନ ତାହା କଲା । 'ଏବେ ଓଟ ପାହାଡ଼ ତଳକୁ ଓହ୍ଲାଇଛି' ଏହି କଥାଟି ସତ୍ୟ । ଟ୍ରମ୍ପ୍ ଅନୁଭବ କରିଛନ୍ତି ଯେ ଏକପାଖିଆ ନିଷ୍ପତ୍ତି କେତେ ବିପଦପୂର୍ଣ୍ଣ ! ସେ ନୀରବରେ ପରିସ୍ଥିତି ଦେଖୁଛନ୍ତି ଏବଂ ନିଜ ସ୍ୱାର୍ଥ ଉପରେ ଧ୍ୟାନ ଦେଉଛନ୍ତି । ଏବେ ଦେଖିବା ନାଟୋ ଦେଶଗୁଡ଼ିକ କ'ଣ କହିଛନ୍ତି । ଜର୍ମାନୀ କହିଲା, 'ଆମର କୌଣସି ଆଦେଶ ନାହିଁ, ତେଣୁ ଏହାକୁ ସମର୍ଥନ କରିବା କଷ୍ଟକର ।' ଫ୍ରାନ୍ସ କହିଲା, 'ଲଢ଼ିବାର ଅର୍ଥ କ'ଣ ? କଥା ହୁଅ ଏବଂ ସମସ୍ୟାର ସମାଧାନ କର ।' ଇଟାଲୀ କହିଲା, 'ଆମେ ନୈତିକ ସମର୍ଥନ ପ୍ରଦାନ କରିପାରିବୁ, କିନ୍ତୁ ଆମେ ସିଧାସଳଖ ଯୁଦ୍ଧରେ ସାମିଲ ହୋଇପାରିବୁ ନାହିଁ ।' ସ୍ପେନ୍ କହିଲା, 'ତୁମେ ଇରାନ ବିରୁଦ୍ଧରେ ଆମର ଅଞ୍ଚଳ ବ୍ୟବହାର କରିପାରିବ ନାହିଁ ।' ସାମଗ୍ରିକ ଭାବରେ, ନାଟୋର ପ୍ରତିକ୍ରିୟା ଥିଲା, 'ତୁମେ ଆମକୁ କେବଳ ଫୋନ କରିଦେବ ଏବଂ ଆମେ ଯୁଦ୍ଧ ପାଇଁ ଇରାନ ପହଂଚି ଯିବୁ । ଏହା ଘଟିପାରିବ ନାହିଁ କାରଣ ତୁମେ କୌଣସି ଯୋଜନା କରିନାହଁ ।' ନାଟୋ ଏହା ମଧ୍ୟ କହିଛି ଯେ ଏହି କାରଣରୁ ନାଟୋ ସୃଷ୍ଟି ହୋଇଥିଲା: ଯଦି ନାଟୋ ଦେଶଗୁଡ଼ିକ ଉପରେ ଆକ୍ରମଣ ହୁଏ, ତେବେ ସମସ୍ତେ ଏକାଠି ଲଢ଼ିବେ । କିନ୍ତୁ କୌଣସି ନାଟୋ ଦେଶ ଉପରେ ଆକ୍ରମଣ ହୋଇନାହିଁ । ଧାରା ୫ ଏଠାରେ ପ୍ରଯୁଜ୍ୟ ନୁହେଁ, ତେବେ ସେମାନେ ଆପଣଙ୍କୁ କିପରି ସମର୍ଥନ କରିପାରିବେ ? ଆପଣ ଆକ୍ରମଣ କରିଛନ୍ତି, କିନ୍ତୁ ଇରାନ ଆପଣଙ୍କୁ ଆକ୍ରମଣ କରିନାହିଁ । ତେବେ ଆପଣଙ୍କୁ କାହିଁକି ସମର୍ଥନ କରାଯିବ ? ୟୁରୋପୀୟ ସଂଘ କହିଛି ଯେ ଆପଣମାନେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା କରିବା ଉଚିତ; ଯୁଦ୍ଧ କେବଳ କ୍ଷତି କରିବା ବ୍ୟତୀତ କିଛି ହାସଲ କରିବ ନାହିଁ ।

ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲଭାଙ୍କ ଏକ ବିବୃତ୍ତି ଅନ୍ତର୍ଜାତୀୟ ରାଜନୀତିରେ ଏକ ନୂତନ ବିତର୍କ ସୃଷ୍ଟି କରିଛି । ସେ ସ୍ପଷ୍ଟ ଭାବରେ କହିଛନ୍ତି:“ଆମେ ଡୋନାଲ୍ଡ ଟ୍ରମ୍ପଙ୍କ କୌଣସି ନିର୍ଦ୍ଦେଶ ମାନିବୁ ନାହିଁ । ଆମେ ଛୋଟ ପିଲା ନୁହଁ । ସେ ଚାହାଁନ୍ତି ଯେ ଆମେ ଯୁଦ୍ଧରେ ଯୋଗଦେଉ ଏବଂ ସ୍ପେନକୁ ଖାଦ୍ୟ ଉତ୍ପାଦର ରପ୍ତାନି ବନ୍ଦ କରୁ, କିନ୍ତୁ ଆମେ ଏହାକୁ ଗ୍ରହଣ କରୁନାହୁଁ । ସ୍ପେନ ସହିତ ଆମର ଭଲ ସମ୍ପର୍କ ଅଛି । ବିଶ୍ୱ ଏବେ ବହୁତ ଆଗକୁ ବଢ଼ିଛି ।” ରିପୋର୍ଟ ହୋଇଛି ଯେ ଆମେରିକା ପ୍ରତିବର୍ଷ ବ୍ରାଜିଲରୁ ଗହମ, ଚାଉଳ ଏବଂ କଫି ଆମଦାନୀ କରେ ଏବଂ ଏହି ଉତ୍ପାଦଗୁଡ଼ିକର ରପ୍ତାନି ସମ୍ପର୍କରେ ଏକ ଦୃଢ଼ ବାର୍ତ୍ତା ପଠାଯାଇଛି ।ସେ ଏହା ମଧ୍ୟ କହିଛନ୍ତି ଯେ କିଛି ଶକ୍ତି ମଧ୍ୟପ୍ରାଚ୍ୟକୁ ସ୍ଥାୟୀ ସଙ୍କଟରେ ରଖିବାକୁ ଚାହାଁନ୍ତି ଯାହା ଦ୍ୱାରା ସେମାନେ ଏହାର ସମ୍ପତ୍ତି ଜବତ କରିପାରିବେ । ଲୁଲା ଡା ସିଲଭା ମଧ୍ୟ ଆରବ ଦେଶଗୁଡ଼ିକୁ ଏକତା ରହିବାକୁ ଅପିଲ କରି କହିଛନ୍ତି ଯେ ସେମାନେ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଏବଂ କାହାର ଚାପରେ ନଇଁ ପଡ଼ିବା ଆବଶ୍ୟକ ନାହିଁ । ସେ କହିଛନ୍ତି ଯେ ଆମେରିକା ନିଜେ ଏବେ ସାହାଯ୍ୟ ଲୋଡୁଛି ଏବଂ ଇତିହାସର ଏକ କଷ୍ଟକର ସମୟ ଦେଇ ଗତି କରୁଛି । ତେଣୁ, ପ୍ରତ୍ୟେକ ଦେଶ ନିଜ ସ୍ୱାର୍ଥ ଏବଂ ଆତ୍ମରକ୍ଷା ଉପରେ ଧ୍ୟାନ ଦେବା ଉଚିତ ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା

ପାରଳାଖେମୁଣ୍ଡି,୨୦।୩(ନିପ୍ର);ଗଜପତିରେ କାଳ ବୈଶାଖୀ ପ୍ରଭାବରେ ଜିଲ୍ଲାର ଗୋଷାଣୀ,କାଶୀନଗର , ଗୁମ୍ମା ଅଞ୍ଚଳରେ ବିକ୍ଷିପ୍ତ ଭାବେ ବର୍ଷା ହୋଇଥିବା ବେଳେ କିଛି କିଛି ସ୍ଥାନରେ ଘଡ଼ଘଡ଼ି , କୁଆ ପଥର ସାଙ୍ଗକୁ କୁଆପଥର ବର୍ଷା ହୋଇଛି। ମଧ୍ୟାହ୍ନରେ ଦିର୍ଘ ସମୟ ଧରି ବର୍ଷା ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ସେହି ସମୟରେ ବଜ୍ରାଘାତରେ ଜଣକର ଜୀବନ ଯାଇଛି। ଗଜପତି ଜିଲ୍ଲା ଗୁମ୍ମାବ୍ଲକ ଅନ୍ତର୍ଗତ କଳାକୋଟ ଗ୍ରାମର ୫୫ ବର୍ଷିୟ ରବିନ୍ଦ୍ର ଗମାଙ୍ଗଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ ଆଜି ମଧ୍ୟାହ୍ନ ପ୍ରାୟ ୨ଟା ସମୟରେ ବର୍ଷା ଘଡଘଡି ଲାଗି ରହିଥିବା ବେଳେ ନିଜ ଗାଈ ଆଣିବା ପାଇଁ ରବୀନ୍ଦ୍ର ଗାଁ ପାଖ ବିଲ ପଡ଼ିଆକୁ ଯାଇଥିଲେ ସେହି ସମୟରେ ଅଚାନକ ବଜ୍ରପାତ ହୋଇଥିଲା। ଭୀଷଣ ଜୋରରେ ଏକ ଶବ୍ଦ ସହ ଘଟଣା ସ୍ଥଳରେ ଟଳି ପଡିଥିଲେ , ରବୀନ୍ଦ୍ରଙ୍କୁ ଗୁରୁତ୍ୱର ଭାବେ ଉଧାର କରି ଗାଁ ଲୋକେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ, ଡାକ୍ତର ଆଲୋକ ବିଶ୍ୱାଳ ରବୀନ୍ଦ୍ରଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ସେରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେଶ ନଂ ୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପାଣିପାଗ ବିଭାଗର ସତର୍କ ସୂଚନା ନପାଇପରି ସଚେତନ ଅଭାବରୁ ନିୟମିତ ଭାବେ ବଜ୍ରପାତର ସଂଖ୍ୟା ବୃଦ୍ଧି ଯୋଗୁଁ ବଜ୍ରପାତରେ ମୃତକଙ୍କ ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଛି। ଏନ୍‌ସିଆରବି ତଥ୍ୟ ଅନୁଯାୟୀ ୨୦୧୮ ମସିହାରେ ବଜ୍ରପାତରେ ରାଜ୍ୟରେ ୨୯୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୧୯ରେ ୨୦୦ ଜଣ, ୨୦୨୦ରେ ୧୫୬ ଜଣ, ୨୦୨୧ରେ ୨୮୭ ଜଣ, ୨୦୨୨ରେ ୨୧୪ ଜଣ ଏବଂ ୨୦୨୩ରେ ବର୍ତ୍ତମାନ ସୁଦ୍ଧା ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି।

## ଖମ୍ବେଶ୍ୱରୀ ମନ୍ଦିରରୁ ଚୋରି ଅଳଙ୍କାର ଉଦ୍ଧାର

ଆସିକା,୨୦।୩ (ନିପ୍ର); ଗତ ୧୩ ତାରିଖ ମଧ୍ୟ ରାତ୍ରି ରେ ଆସିକାର ଅଧିଷ୍ଠାତ୍ରୀ ଦେବୀ ମାଆ ଖମ୍ବେଶ୍ୱରୀ ଚୋରି ଯାଇଥିବା ଅଳଙ୍କାର ସହରର ଅନ୍ୟ ପ୍ରସିଦ୍ଧ ଗୋପୀନାଥ ମନ୍ଦିର ମୁଖ୍ୟ ଫାଟକ ନିକଟରୁ ମିଳିଛି। ପ୍ରକାଶ ଥାଉକି ଗତ ୧୩ ତାରିଖ ମଧ୍ୟ ରାତ୍ରି ରେ ଆସିକାର ଅଧିଷ୍ଠାତ୍ରୀ ଦେବୀ ମାଆ ଖମ୍ବେଶ୍ୱରୀଙ୍କ ମନ୍ଦିର ସିସିଟିଭି କେମେରା ତାର କଟି ଗର୍ଭ ଗୃହ ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ମାଙ୍କ ଆଖି, ତ୍ରିନେତ୍ର,ଭ୍ରୂଲତା, ଜିଭ,ଦାନ୍ତ ,ନୋଥ, କାନର ଚୋରି କରିନେଇଥିଲେ। ଏନେଇ ଆସିକା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନାମକୁ ମାତ୍ର ତଦନ୍ତ ସାରି ଚୁପ ରହିଥିଲା ବେଳେ ଶେଷରେ ଏକ ଚଳଚ୍ଚିତ୍ର ଢଙ୍ଗରେ ଚୋରି ଅଳଙ୍କାର ଆଜି ସକାଳୁ ଖମ୍ବେଶ୍ୱରୀ ପାଟଣା ସ୍ଥିତ ଗୋପୀନାଥ ମନ୍ଦିର ମୁଖ୍ୟ ଫାଟକ ନିକଟରୁ ଉଦ୍ଧାର ହୋଇଛି।

## ମହିଳା କମିଶନର ଅଧକ୍ଷାଙ୍କ ୱାନ୍ ଷ୍ଟପ୍ ସେଣ୍ଟର ପରିଦର୍ଶନ

ଭବାନୀପାଟଣା, ୧୯/୩ (ନି.ପ୍ର)- ଓଡିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାର ୱାନ୍ ଷ୍ଟପ୍ ସେଣ୍ଟର (ସଖୀ) ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ ମଜିବୁନ ନିଶା, ଜିଲ୍ଲା ସଂସ୍କୃତିକ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ସହ ସୁମିତା ଦେବୀ ତ୍ରିପାଠୀ, ପ୍ରୋଟେକ୍ସନ ଅଫିସର ସନ୍ଧ୍ୟାରଣୀ ନାୟକ ଏବଂ ମହିଳା ହବ୍‌ର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ପ୍ରତିନିଧି ଦଳ ୱାନ୍ ଷ୍ଟପ୍ ସେଣ୍ଟର ମାଧ୍ୟମରେ ପୀଡିତ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ସବିଶେଷ ଅବଗତ ହୋଇଥିଲେ। ବିଶେଷତଃ ପୀଡିତମାନଙ୍କୁ ପରାମର୍ଶ ପ୍ରଦାନ ପ୍ରକ୍ରିୟା, ମାମଲା ପଞ୍ଜିକରଣ ବ୍ୟବସ୍ଥା, ଆଇନଗତ ସହାୟତା ଏବଂ ସେଣ୍ଟରର ସମଗ୍ର ପରିଚାଳନା ବ୍ୟବସ୍ଥା ବିଷୟରେ ସମୀକ୍ଷା କରାଯାଇଥିଲା। ଶ୍ରୀମତୀ ମହାନ୍ତି ସେଣ୍ଟରର କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରି କହିଥିଲେ ।

## ଗାଁଠୁ ସହର ସବୁଠି ପଖାଳର ମହକ

ଭବାନୀପାଟଣା,୨୦।୩ (ନିପ୍ର): ବିଶ୍ୱ ପଖାଳ ଦିବସ ପାଇଁ ଗାଁଠୁ ସହର, ରାସ୍ତାକଡ଼ ହୋଟେଲଠୁ ବଡ ବଡ ହୋଟେଲ ସବୁଠି ପଡିଛି ପଖାଳର ଆସର । ପଖାଳ ଖାଇବାକୁ ଲୋକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି । ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ପଖାଳ ବେଶ୍ ଜଡ଼ିତ । କେବଳ ହୋଟେଲ, ରେଷ୍ଟୋରାଣ୍ଟ ନୁହେଁ, ବରଂ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମଧ୍ୟ ପଖାଳ ଦିବସ ପାଳନ କରାଯାଇଛି । ଏନେଇ



ସବୁଠି ଲୋକଙ୍କ ଭିତରେ ଉତ୍ସାହ ପରିଲକ୍ଷିତ ହେଉଛି ।ସେହିପରି କଳାହାଣ୍ଡି ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ପଖାଳ ଦିବସ ପାଳନ କରାଯାଇଛି । ପଖାଳ ସହିତ ବିଭିନ୍ନ ପ୍ରକାରର ଭଜା, ଆଳୁ ଭର୍ତ୍ତା, ବଡ଼ିଚୁରା, ଶାଗ ଭଜା, ପୋଦିନାପତ୍ର ଚଟଣି, କଲରା ଚିପ୍ସ, ସଜନା ଛୁଇଁ ଆଳୁ ବେସର, ବାଇଗଣ ଭଜା, ଆଚାର, ପାମ୍ପଡ, କାକୁଡି ସାଲାଡ଼ , ଚୁନା ମାଛ, ବଡ଼ ମାଛ ଭଜା ଆଦିର ବ୍ୟବସ୍ଥା କରାଯାଇଥିଲା ।

## ପିଏମଶ୍ରୀ ଉତ୍ସବରେ କାକଟପୁର ନୋଡାଲ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା

କାକଟପୁର,୨୦।୩ (ନିପ୍ର); ସରକାରଙ୍କ ପିଏମଶ୍ରୀ ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କଠିନ ଅଧ୍ୟାବସାୟ ଓ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ରେ ସଫଳତା ପାଇଁ ପୁରୀଜିଲ୍ଲାରେ କାକଟପୁର ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଶଂସାର ପାତ୍ର ହୋଇଛି । ନିକଟରେ ଶେଷ ହୋଇଥିବା ପିଏମଶ୍ରୀ ଉତ୍ସବ ରେ ଜାତୀୟ ଶିକ୍ଷାନୀତି ର ପ୍ରୟୋଗଶାଳା ଓ ଛାତ୍ରଛାତ୍ରୀ ମାନେ ପିଏମଶ୍ରୀ ଉତ୍ସବର ପ୍ରାଣକେନ୍ଦ୍ର ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିବାବେଳେ କାକଟପୁର ପିଏମଶ୍ରୀ ନୋଡାଲ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହାକୁ ସାକାର କରି ଦେଖାଇଛନ୍ତି । ଜିଲ୍ଲାସ୍ତରୀୟ କ୍ରୀଡ଼ାଙ୍ଗନ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ରୁଦ୍ର ନାରାୟଣ ବିଶ୍ୱାଳ ଓ ପ୍ରିୟାଂଶୁ ଶେଖର ମଲ୍ଲ ଭୂୟସୀ ପ୍ରଶଂସା ସାଉଁଟିଛନ୍ତି । ସେହିପରି ସାହିତ୍ୟ ସୃଜନୀରେ ଶେଫାଳି ଦାସ,ସୁମିତ୍ରା ଚାନ୍ଦ, ରାହୁଲ ମହାନ୍ତି ଓ ସତ୍ୟପ୍ରକାଶ ବିଶ୍ୱାଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଅନୁରୂପ ଭାବରେ ଜିଜ୍ଞାସାରେ ଫତମା ପରବିନ, ରୋମିଓ ରୋଶନ ରାଉତ, ଆସିଆ ପରବିନ, କୁମାର ସୁବ୍ରତ ଓଝା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମରେ ସନତ ପ୍ରଧାନ, ସ୍ୱପ୍ନାମୟୀ ମହାପାତ୍ର, କାବେରୀ ସେଠୀ, ସ୍ୱର୍ଣ୍ଣଲତା ପାଣି, ସରୋଜିନୀ ହାଁସଦା, ସାଗରୀକା ମଲ୍ଲ, ଜ୍ୟୋତ୍ସ୍ନାରାଣୀ ପାଲ, ସଂଘମିତ୍ରା ନାୟକ, ରଞ୍ଜନ କୁମାର ଦାଶ ପ୍ରମୁଖ ମେଣ୍ଟର ଓ କୋ-ମେଣ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ

ଗୁଣପୁର,୨୦।୩ (ନିପ୍ର): ଆଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଣପୁରରେ ହିନ୍ଦୁ ତଥା ରାଷ୍ଟ୍ରୀୟ ନବ ବର୍ଷ ଯଥାରୀତି ପାଳନ ହୋଇଯାଇଛି । ଇତି ଅବସରରେ ଭାରତୀୟ ଜନତା ଦଳର ରାଷ୍ଟ୍ରୀୟ ସଦସ୍ୟ ତଥା ଅନୁଷ୍ଠାନର ପ୍ରଥମ ସଂପାଦକ ୱାଇ ଗଣପତି ମହୋଦୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ହିନ୍ଦୁ ନବବର୍ଷ ପାଳନର ମହତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ କ୍ଷ ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ରାଷ୍ଟ୍ରୀୟ ନବବର୍ଷ ପାଳନ ଉଦ୍ଦେଶ୍ୟରେ ପ୍ରକୃତିର ଯେଉଁ ସତ୍ୟ ସନାତନ ପରିବର୍ତ୍ତନ ଉକ୍ତ ଦିବସରେ ଘଟୁଛି ଓ ଏହାର ପ୍ରଭାବ ବିଷୟରେ ଶିଶୁମମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ସଂପାଦକ ସୋମନାଥ ଗୌଡ ନିଜର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ବି ଗଜପତି ରାଓ ଉକ୍ତ ଦିବସର ମହାନତା ବିଷୟରେ ଆଶୀର୍ବଚନ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ମୀନକେତନ ପଣ୍ଡା ମଧ୍ୟ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟା ଶୁଭଶ୍ରୀ ସାହୁ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁ ପରିଚୟ ପ୍ରଦାନ କରିଥିଲେ । ଶିଶୁମାନେ ରାଷ୍ଟ୍ରୀୟ ନବ ବର୍ଷ ପାଳନ ଉଦ୍ଦେଶ୍ୟରେ ଘୋଷ୍ ବାଦ୍ୟ ସହିତ ଶୋଭାଯାତ୍ରାରେ ବାହାରିଥିଲେ ।

# ଓଡ଼ିଆ ପରମ୍ପରାର ପ୍ରତୀକ ପଖାଳ :ରାଉରକେଲାର ବିଭିନ୍ନ ଅନୁଷ୍ଠାନରେ ପାଳିତ

ରାଉରକେଲା,୨୦।୩ (ନିପ୍ର); ଓଡ଼ିଆ ପରମ୍ପରାର ପ୍ରତୀକ ଭାବରେ ପଖାଳକୁ ମନେପକାଇ ମାର୍ଚ୍ଚ ୨୦ ତାରିଖକୁ ସମଗ୍ର ଓଡିଶାରେ ପଖାଳ ଦିବସ ଭାବରେ ପାଳନ କରାଯାଉଛି। ପଖାଳ ଦିବସ ଉପଲକ୍ଷେ ଆଜି ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ ଉତ୍ସାହ ଓ ଆନନ୍ଦର ସହିତ ପଖାଳ ଦିବସ ପାଳନ କରାଯାଇଛି। ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳ ରଖିବା ପାଇଁ ପଖାଳର ଆବଶ୍ୟକତା ରହିଥିଲା ବେଳେ, ଏହାର ଗୁରୁତ୍ୱକୁ ନେଇ ସିଭିଲ ଟାଉନସିପ ସ୍ଥିତ ମା ଇନ୍ଦିରା ମହିଳା ସମିତି ପକ୍ଷରୁ ମହାଆଡମ୍ବର ସହକାରେ ପଖାଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ଅଦା କଞ୍ଚାଲଙ୍କା ଛେଚା, ଲେମ୍ବୁ ଇତ୍ୟାଦି ଦିଆଯାଇ ପଖାଳ ସହିତ ସାଗ, ବଡ଼ିଚୁରା, ଆଳୁ, ଭେଣ୍ଡି, ଫୁଲକୋବି, ଭଜା, ଆଳୁ ଭର୍ତ୍ତା, ସାଲାଟ୍, ସଜନା ଛୁଇଁ ଭଜା, ପୋଦିନା ଓ ଧଣିଆ ଚଟଣି, ବାଇଗଣ ପୋଡା ସହ ଆଳୁ ଭର୍ତ୍ତା ଓ ମାଛଭଜା ପରି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ପରିବେଷଣ କରାଯାଇଥିଲା। ସୋସିଆଲ ମିଡିଆରେ ପଖାଳ ଦିବସ ଅବସରରେ ଲୋକମାନେ ପଖାଳ ଖାଇବାର ଫଟୋ ଓ ଭିଡିଓ ଶେୟାର କରୁଥିଲାବେଳେ, ବାସ୍ତବିକ କ୍ଷେତ୍ରରେ ମା ଇନ୍ଦିରା ମହିଳା ସମିତି ପକ୍ଷରୁ ଏହାକୁ ପାଳନ କରାଯାଇଛି। ପଖାଳ ଏକ ପୁଷ୍ଟିକର ଓ ସ୍ୱାସ୍ଥ୍ୟକର ଖାଦ୍ୟ, ଯାହା ଶରୀରକୁ ଥଣ୍ଡା ରଖିବା ସହିତ ପାଚନକୁ ସହଜ କରିଥାଏ। ସାମାଜିକ ସଂଗଠନମାନେ ଓଡ଼ିଆ ଖାଦ୍ୟ ସଂସ୍କୃତିକୁ ଆଗକୁ ନେବା ପାଇଁ ଏହି ପଖାଳ ଦିବସ ପାଳନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ମା ଇନ୍ଦିରା ମହିଳା ସମିତି ପକ୍ଷରୁ ଆଜିର ପଖାଳ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲା ବେଳେ,




ସମ୍ମାନୀୟ ଅତିଥି ଭାବେ ଛବି ମହାନ୍ତି, ପିଙ୍କୁ ଜୈସ୍ୱାଲ, ବିନୋଦ ରାଉତ, ବୈଲୋଚନ ସାହୁ, ବାଇନଙ୍କ ଯୋଗଦେଇ ପଖାଳର ଆନନ୍ଦ ନେଇଥିଲେ।

# ରବି ଧାନ ଚାଷ ବିକ୍ରୟରେ ସମସ୍ୟା, ସମାଧାନ ପାଇଁ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ

ବଣାଇ,୨୦।୩ : (ନିପ୍ର): ବଣାଇ ଠାରେ ରବି ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣରେ ଦେଖାଦେଇଥିବା ସମସ୍ୟାର ସମାଧାନ ନିମନ୍ତେ ରୁକୁଡା ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ନରେନ୍ଦ୍ର ଗ୍ରାମ ପଞ୍ଚାୟତର କୃଷକ ଗଣ ଆଜି ଉପ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଛନ୍ତି । ଗତ ବର୍ଷ ବିନା ଜଳ କର ରସିଦରେ ଚାଷୀ ପଞ୍ଜୀକରଣ କରି ଧାନ ବିକ୍ରୟ କରିଥିଲେ । କିନ୍ତୁ ଚଳିତ ବର୍ଷରେ ରବି ଧାନ ବିକ୍ରୟ ନିମନ୍ତେ ଚାଷୀ ପଞ୍ଜୀକରଣ ପାଇଁ ଜଳକର ରସିଦ ଆବଶ୍ୟକ ବୋଲି ଲ୍ୟାମ୍ପସ କର୍ତ୍ତୃପକ୍ଷ କହୁଛନ୍ତି । ରୁକୁଡା ଜଳ ସେଚନ ପ୍ରକଳ୍ପ ଅଧୀନରେ ନରେନ୍ଦ୍ର ଗ୍ରାମ ପଞ୍ଚାୟତର ୫୦୦ ରୁ ଉର୍ଦ୍ଧ୍ୱ ଚାଷୀ ଜଳ କର ଦେବାପାଇଁ ଚାହିଁଲେ ମଧ୍ୟ ରୁକୁଡା ଜଳ ସେଚନ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଚାଷୀ ଜଳ କର ଦେବାରୁ ବଞ୍ଚିତ ହେଇଛନ୍ତି । ଚଳିତ ବର୍ଷ ଚାଷ କରିଥିବା କୃଷକ ସମୂହ ୫୫୦ ହେକ୍ଟରରୁ ଅଧିକ ରବି ଧାନ ଚାଷ କରିଛନ୍ତି । ତେଣୁ ଚାଷୀ ସୁରୁଖୁରୁରେ ଧାନ ବିକ୍ରୟ ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲାପାଳ, ସିସିଏସଓ ସୁନ୍ଦରଗଡ଼, ଅତିରିକ୍ତ ଯୋଗାଣ ନିରୀକ୍ଷକ ବଣାଇ, ତହସିଲଦାର ଗୁରୁଣ୍ଡିଆ, ବଣାଇ ସହକାରୀ ସମବାୟ ପଞ୍ଜିକରଣ ସୋସାଇଟି, ରୁକୁଡା ଜଳ ସେଚନ ପ୍ରକଳ୍ପ ବଣାଇକୁ ତୁରନ୍ତ ସମାଧାନ କରି ଧାନ ବିକ୍ରୟ ନିମନ୍ତେ କୃଷକ ସଂଗଠନ ଦାବି କରିଛନ୍ତି।




# ପାରମ୍ପରିକ ବାଦ୍ୟ ଆଉ ଦେଖିବାକୁ ମିଳୁନି

ଭାପୁର,୨୦।୩ (ନିପ୍ର): ଅତୀତରେ ବ୍ୟସ୍ତବହୁଳ ଜୀବନରେ ଟିକେ ସମୟ ମିଳିଲେ ଗାଁ ଗହଳିର ଲୋକମାନେ ସନ୍ଧ୍ୟା ସମୟରେ ଗାଁ ଭାଗବତ ଘରେ ଏକାଠି ହୋଇ ପାରମ୍ପରିକ ବାଦ୍ୟ ବଜେଇ ଭାଗବତ, ଭଜନଜଣାଣ, କୀର୍ତ୍ତନ, ରାମଲୀଳା ପରିବେଷଣ କରି ମନକୁ ହାଲକା କରିଥାନ୍ତି ।କାଳକ୍ରମେ ଏହି କିମ୍ବଦନ୍ତି ଗାଁ ଗହଳିରୁ ଲିଭିବାକୁ ବସିଲାଣି ।ନୂତନ ବାଦ୍ୟଯନ୍ତ୍ର ବାହାରିଲାପରେ ପାରମ୍ପରିକ ବାଦ୍ୟ ମର୍ଦ୍ଦଳ, ଖୋଳ, ପଖଜ, ତୁବି ତବଲା,ଲାଲ, ଢୋଲକି, ଘୁଡୁକି, ଗିନି, କେନ୍ଦରା ଆଦି ପୁରୁଣା ବାଦ୍ୟଯନ୍ତ୍ର ଧୀରେଧୀରେ ସମାଜରୁ ଅପସରି ଗଲାଣି କିନ୍ତୁ,ଏହି ବାଦ୍ୟ ଯନ୍ତ୍ର ବର୍ତ୍ତମାନ ଭାପୁର ଅଂଚଳରେ ଅବସ୍ଥିତ ମଠ ଓ ମନ୍ଦିରରେ କୀର୍ତ୍ତି ହୋଇ ରହିଛି ।ଏହି ପୁରୁଣା ବାଦ୍ୟଯନ୍ତ୍ରର ବିକ୍ରିଭଟା କମିଯିବାରୁ ଏହାକୁ ତିଆରି କରୁଥିବା କାରିଗର ମାନେ ନିଜର ଜୀବିକା ହରେଇ ଦୁଃଖରେ କାଳାତିପାତ କରୁଛନ୍ତି। ଏହି ପାରମ୍ପରିକ ବାଦ୍ୟଯନ୍ତ୍ର ନିର୍ମାଣ ଏବଂ ମରାମତି କାର୍ଯ୍ୟକୁ ଧରି ରଖିଛନ୍ତି ଭାପୁର ସଦର ମହକୁମାରେ ବାସ କରୁଥିବା ପ୍ରଫୁଲ୍ଲ ଏବଂ ତାଙ୍କର ସହଯୋଗୀ ବର୍ତ୍ତମାନ ସୁଦ୍ଧା ପୁରୁଣା ବାଦ୍ୟକୁ ନିର୍ମାଣ କରିବାରେ ନିମଗ୍ନ ରହିଛନ୍ତି ।ଭାପୁର ସଦର ମହକୁମାସ୍ଥ ଦଳିତ ପରିବାର ର ପ୍ରଫୁଲ୍ଲ କୁମାର ନାୟକ ଏହି କାର୍ଯ୍ୟ କରୁଛନ୍ତି ।ଗୋଟିଏ ଗୋଟିଏ ବାଦ୍ୟ ଯନ୍ତ୍ର ତିଆରି କରି ବିକ୍ରି କଲେ ମାସକୁ ୧୦ ରୁ ୧୨ ହଜାର ଟଙ୍କା ରୋଜଗାର ହେଉଥିବା ପ୍ରଫୁଲ୍ଲ କହିଥିଲେ କିନ୍ତୁ,ତାଙ୍କର ଗୁଜୁରାଣ ମେଂଟେଇବା ତଥା ପରିବାର ଚଳେଇବା ପାଇଁ ଏହି ଟଙ୍କା ପୋଷଉ ନ ଥିବା ସେ କହିଥିଲେ। ଭାପୁର ଅଞ୍ଚଳ ବିଜିପୁର ଗ୍ରାମର ଯୋଗୀ ନାୟକ, କରବର ଗ୍ରାମର ପଞ୍ଚୁ ନାୟକ ଓ ମାଧବ ନାୟକ ଏହି କାର୍ଯ୍ୟ କରୁଛନ୍ତି। ଏହା ନିର୍ମାଣ କରିବା ପାଇଁ ନୟାଗଡ଼ ସଦର ମହକୁମା ଇଟାମାଟି ରୁ କଞ୍ଚାମାଲ ଆସିଥାଏ କିନ୍ତୁ ଏହାର ଦାମ ଅଧିକ ରହୁଥିବାରୁ ତାଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ । ଏହି ପୁରୁଣା ପାରମ୍ପରିକ ବାଦ୍ୟ ବର୍ତ୍ତମାନ ହଜି ଯାଉଥିବାବେଳେ ପ୍ରଫୁଲ୍ଲ ଏହି କାର୍ଯ୍ୟ କରୁଥିବା ଯୋଗୁଁ କିଛି ଅଂଶରେ ଏହି ବାଦ୍ୟ ବଞ୍ଚି ରହିଛି।



# ତିନି ମାସ ମଧ୍ୟରେ ରାସ୍ତା ସମସ୍ୟାର ସମାଧାନ କଲେ ବିଧାୟକ

ପାରଳାଖେମୁଣ୍ଡି,୨୦।୩ (ନିପ୍ର): ଗଜପତି ତିନି ମାସ ମଧ୍ୟରେ ଦୂର ହେଲା ଗାଁର ରାସ୍ତା ସମସ୍ୟା। ତିନି ମାସ ପୂର୍ବେ ଅଞ୍ଚଳକୁ ଗସ୍ତ କରିଥିବା ସମୟରେ ରାସ୍ତା ସମସ୍ୟା ନେଇ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କାଶୀନଗର ବ୍ଲକ କେ ସୀତା ପୁର ପଞ୍ଚାୟତ ଅନ୍ତର୍ଗତ ବିସିରିଂ ଗ୍ରାମବାସୀ।

ପକ୍କା ରାସ୍ତା ହୋଇ ନ ଥିବାରୁ କାଦୁଅ ପଚପଚ ରାସ୍ତାରେ ଯିବା ଆସିବାରେ ବହୁ ସମସ୍ୟା ସୃଷ୍ଟି ହେଉଥିଲା, ଏହା ସାଙ୍ଗକୁ ଡ୍ରେନ୍ ନଥିବାରୁ ଗାଁର ନିଷ୍କାସିତ ଦୂଷିତ ପାଣି ରାସ୍ତା ଉପର ଦେଇ ପୋଖରୀ ପାଣିରେ ମିଶି ପାଣିକୁ ଦୂଷିତ କରୁଥିଲା। ସମସ୍ୟାକୁ ଗୁରୁତର ସହ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବ୍ଲକ ପ୍ରଶାସନ ସହ ଆଲୋଚନା କରି ପ୍ରକଳ୍ପ ମଞ୍ଜୁର କରାଇଥିଲେ ବିଧାୟକ।

ନିଜେ ଦାୟିତ୍ୱ ନେଇ ପଞ୍ଚାୟତର ବିସିରିଂ ଗ୍ରାମର ରାସ୍ତା ନିର୍ମାଣ ପାଇଁ ୧୦ ଲକ୍ଷ, ତିନୋଟି କଲଭର୍ଟ ଓ ନାଳ ନିର୍ମାଣ ପାଇଁ ୧୦ ଲକ୍ଷ ଏବଂ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ମଞ୍ଜୁର କରାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଜି ଉକ୍ତ କାର୍ଯ୍ୟର ଶୁଭାରମ୍ଭ କରିବା ସହ ଦେବଦଳା ଗ୍ରାମର ସେହି ସମାନ ସମସ୍ୟା ଥିବା ଗାଁ ରାସ୍ତା ପାଇଁ ମଞ୍ଜୁର ହୋଇଥିବା ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳର ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଲୋକଙ୍କ ସହ ପ୍ରତିଟି କ୍ଷେତ୍ରରେ ଜଡିତ ହୋଇ ରହି ଆସୁଥିବା ବେଳେ ସମସ୍ତ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗ୍ରାମକୁ ଗସ୍ତ କରିଥାନ୍ତି। ଲୋକଙ୍କ ସମସ୍ୟା ତଥା ଆବଶ୍ୟକକୁ ଅନୁଭବ କରି ଉନ୍ନୟନ ମୂଳକ କାର୍ଯ୍ୟ କରିଆସୁଛନ୍ତି ବୋଲି ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ତେବେ ଲୋକଙ୍କ ସମସ୍ୟା ସମାଧାନ କଲେ ଆତ୍ମ ସନ୍ତୋଷ ମିଳୁଛି ବୋଲି କହିଛନ୍ତି ବିଧାୟକ।

## ଟ୍ରକ ଧକ୍କାରେ ଡାକ୍ତରଙ୍କ ମୃତ୍ୟୁ

ଧର୍ମଗଡ,୨୦।୩ (ନିପ୍ର); କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଲଦିଆମାଲ ପେଟ୍ରୋଲ ପମ୍ପ ନିକଟରେ ସଡ଼କ ଦୁର୍ଘଟଣାରେ ଡାକ୍ତରଙ୍କ ମୃତ୍ୟୁ ହୋଇଛି । ଶୁକ୍ରବାର ସକାଳେ ହୋଇଥିବା ଦୁର୍ଘଟଣାରେ ଅବସରପ୍ରାପ୍ତ ଧର୍ମଗଡ଼ ଏସଡିଏମଓ ଡାକ୍ତର ହରିଶ୍ଚନ୍ଦ୍ର ପଧାନ (୮୦)ଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ, ନିଜ ଘର ଭବାନୀପାଟଣାରୁ ନିଜ କାର ଯୋଗେ ଧର୍ମଗଡ଼ କ୍ଲିନିକକୁ ଆସୁଥିବା ବେଳେ ବଲଦିଆମାଲ ପେଟ୍ରୋଲ ପମ୍ପ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ଅଟକି ରହିଥିବା ବେଳେ ଏକ ଟ୍ରକ ସହିତ ଧକ୍କା ହୋଇଥିଲା। କୌଣସି ସୂତ୍ରରୁ ଜୁନାଗଡ଼ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଜୁନାଗଡ଼ ଡାକ୍ତରଖାନା ନେବା ପରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ଅନ୍ୟ ପକ୍ଷେ ଚାଳକ ଅଳ୍ପ ଆହତ ହୋଇଥିବା ବେଳେ ମୃତ୍ୟ ଡାକ୍ତର ଶ୍ରୀ ପ୍ରଧାନଙ୍କ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜୁନାଗଡ଼ ଆଇଆଇସି ସହଦେବ ବେହେରା ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକମାନେ ଆଲୋଚନା କରିବା ହିସାବରେ ଡ୍ରାଇଭର ଶୋଇ ପଡ଼ି ଥିବାରୁ ଠିଆ ହୋଇଥିବା ଟ୍ରକକୁ ଧକ୍କା ଦେଇଥିବା ଆଲୋଚନା ହେଉଛି । ଡାକ୍ତରଙ୍କ ପରଲୋକ ଖବର ଶୁଣି ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।

## ଜିଲ୍ଲା ଯୋଗାଣ ବିଭାଗର ଚଢାଉ, ୧୫ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ

ପାରଳାଖେମୁଣ୍ଡି,୨୦।୩ (ନିପ୍ର): ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ହୋଟେଲ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଯୋଗାଣ ବିଭାଗ ତରଫରୁ ଗତ ଦୁଇ ଦିନ ଧରି ଚଢାଉ କରାଯାଇଛି । ଏହି ଚଢାଉ ବେଳେ ପାରଳାଖେମୁଣ୍ଡି ସହରର ବିଭିନ୍ନ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ୧୫ ଗୋଟି ଘରୋଇ ଗ୍ୟାସ୍ ସିଲିଣ୍ଡରକୁ ଜବତ କରାଯାଇଛି । ସହରର ଫୁଡ ଲୋଗିନ୍ ରୁ ୪ ଗୋଟି, ଏସଭିଏଲ୍ ଷ୍ଟିଲ୍ ରୁ ୩ ଗୋଟି, ସାଇ ଇଣ୍ଟରନ୍ୟାସନାଲ ହୋଟେଲରୁ ୩ ଗୋଟି, ଡଲଫିନ୍ ହୋଟେଲ୍ ରୁ ୪ ଗୋଟି ଏବଂ ଶ୍ରୀକୁଞ୍ଜ ହୋଟେଲରୁ ଗୋଟିଏ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି । ଏହାସହ ଭବିଷ୍ୟତରେ ଏପରି ପୁନରାବୃତ୍ତି କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦିଆଯାଇଥିବାର ଜଣାଯାଇଛି । ପ୍ରକାଶ ଯେ ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ପ୍ରଭାବରେ ରନ୍ଧନ ଗ୍ୟାସ୍ ଉପରେ ସିଧାସଳଖ ପ୍ରଭାବ ପଡିଛି । ତେବେ ପାରଳାଖେମୁଣ୍ଡି ତଥା ଗଜପତି ଜିଲ୍ଲାରେ କିଛି ଅସାଧୁ ବ୍ୟବସାୟୀ ଏପରି ଘଡିସନ୍ଧି ମୂହୁର୍ତ୍ତରେ ସକ୍ରିୟ ହୋଇ ବ୍ୟାପକ କଳାବଜାରୀ କରିବା ସହ କୃତ୍ରିମ ଉପାୟ ଅବଲମ୍ବନ କରି ଦରଦାମ ବୃଦ୍ଧିକରିବାର ବହୁ ଦୃଷ୍ଟାନ୍ତ ରହିଛି । ଯାହାକୁ ନିୟନ୍ତ୍ରଣ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବାର ଜଣାଯାଇଛି । ଆଜିର ଏହି ଚଢାଉରେ ଅତିରିକ୍ତ ଯୋଗାଣ ଅଧିକାରୀ ସୁହଂସ ଭୋଇ, ସବ୍ୟସାଚୀ ବସ୍ତିଆ, ସହକାରୀ ଯୋଗାଣ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଯୋଗାଣ ନିରୀକ୍ଷକ ରୀତା ବେହେରା ଓ ବାଦଲ ସାମନ୍ତରାୟଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ ।

# ରାୟଗଡ଼ା ଜିଲ୍ଲାରେ ଅନେକ ଗ୍ରାମକୁ ନାହିଁ ପକ୍କା ରାସ୍ତା

ରାୟଗଡା,୨୦।୩ (ନିପ୍ର); ରାୟଗଡା ଜିଲ୍ଲାରେ ଅନେକ ଗ୍ରାମକୁ ନାହିଁ ପକ୍କା ରାସ୍ତା। ୧୬୮ ଗାଁ'ରେ ପହଞ୍ଚି ପାରୁନି ଆମ୍ବୁଲାନ୍ସ ସେବା। ଦେଶ ସ୍ୱାଧୀନ ହୋଇ ଇତି ମଧ୍ୟରେ ୭୯ ବର୍ଷ ଗଡିଗଲାଣି। କିନ୍ତୁ ରାୟଗଡା ଜିଲ୍ଲାର ୧୬୮ ଗ୍ରାମକୁ ଗାଡିପାରୁନି ଆମ୍ବୁଲାନ୍ସ ସେବା। ରାୟଗଡା ଜିଲ୍ଲାରେ ରହିଛି ଅନେକ ସୁପ୍ରସିଦ୍ଧ କଳ କାରଖାନା। ଜିଲ୍ଲା ପାଇଁ ଅଭାବ ନାହିଁ କିଛି। ଏଠି ଜମା ରହିଛି ଖଣିଜ ପାଣ୍ଠି। ଏହି ପାଣ୍ଠିର ଆବଶ୍ୟକ ସ୍ଥଳେ ସଦବିନିଯୋଗ ହୋଇପାରିଲେ ଜିଲ୍ଲାର ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଅନେକ ଗ୍ରାମ ଗମନାଗମନ ପାଇଁ ପକ୍କା ରାସ୍ତା, ପାନୀୟ ଜଳ, ପୋଲ, ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ପାଇ ଏକ ସ୍ୱଚ୍ଛନ୍ଦ୍ୟ ଜୀବନ ବିତାଇ ପାରନ୍ତେ। ଏସବୁ ବିଷୟରେ ରାୟଗଡା ବିଧାୟକ ଆପଲାସ୍ୱାମୀ କାଡ୍ରାକାଙ୍କୁ ପଚାରିବାରୁ ସେ କହିଲେ କେବଳ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଆଉ ଅବହେଳା ଯୋଗୁଁ ସମସ୍ୟାଗୁଡିକର ସମାଧାନ ହେଇପାରୁନି ।ଜିଲ୍ଲାର ଅନେକ ଦୁର୍ଗମ ଅଞ୍ଚଳକୁ ରାସ୍ତା ନାହିଁ, ଲୋକେ ଯେଉଁ ବାଟ ଦେଇ ଯିବାଆସିବା କରନ୍ତି, ସେଇ ବାଟକୁ



କୁହନ୍ତି ପାଦଚଲା ବାଟ। ଲୋକେ ଗମନାଗମନ ସୁବିଧାରୁ ବଞ୍ଚିତ ରହି ପ୍ରଶାସନର ସାହାଯ୍ୟ ଲୋଡି ନିରବୀ ଯାଇଛନ୍ତି। ଅଦ୍ୟାବଧି ରାୟଗଡା ଜିଲ୍ଲାର ୨୯୯ ଗ୍ରାମକୁ ପକ୍କା ରାସ୍ତା ଖଣ୍ଡିଏ ନଥିବାରୁ ଲୋକେ ଅତି ଅକାଥନୀୟ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗର୍ଭବତୀ ମହିଳା କିମ୍ବା ବୃଦ୍ଧ ବୃଦ୍ଧା ପୀଡ଼ିତ ପୀଡିତା ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଗାଁ ରେ ଆମ୍ବୁଲାନ୍ସ ଗାଡି ପହଞ୍ଚି ପାରିନଥାଏ। ରୋଗୀଙ୍କୁ ହେଉ ବା ଗର୍ଭବତୀ ମହିଳାଙ୍କୁ ଭାରରେ ବୋହି ଅତି କମରେ ତିନିରୁ ପାଞ୍ଚ କିଲୋମିଟର ବାଟ ଯିବାକୁ ପଡେ। ଅନେକ ଗର୍ଭବତୀଙ୍କୁ ନଦୀରେ ଭେଳାରେ ନେଇ ଆର କୂଳକୁ କୁ ନିଯାଇଥିବା ନଜିର ରହିଛି ।ଏପରି ଘଟଣା ଘଟିଛି କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳରେ। ଜିଲ୍ଲାରେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଯୋଡି ହୋଇ ପାରିନଥିବାରୁ ଜରୁରୀକାଳୀନ ସେବାରେ ବାଧା ପ୍ରାପ୍ତ ହୋଇଥାଏ।

ଜିଲ୍ଲା ଗଠନ ହେବାର ତିନି ଦଶନ୍ଧି ହୋଇଯାଇଥିଲେ ମଧ୍ୟ ୨୯୯ ଗ୍ରାମକୁ ରାସ୍ତା ନଥିବା ଜଣା ପଡିଛି। ଏ ବିଷୟକୁ ନେଇ ବିଧାନସଭା ରେ ଆଲୋଚନା ମଧ୍ୟ ହୋଇଛି। ଗାଁ ଗୁଡିକୁ କେବଳ ପାଦଚଲା ରାସ୍ତା ଥିବାରୁ ସେହି ଗାଁ ଗୁଡିକୁ ଆମ୍ବୁଲଆନ୍ସ ସେବା ପହଞ୍ଚି ପାରେନି। ଭୌଗଳିକ ପରିସ୍ଥିତି ଯୋଗୁଁ ଉକ୍ତ ଗ୍ରାମ ଗୁଡିକୁ ରାସ୍ତା ନିର୍ମାଣ କିମ୍ବା ଚଉଡା କରିବା ପାଇଁ ଅନେକ ବାଧା ରୁହେ। ପ୍ରଥମେ ଜିଲ୍ଲାରେ ୩୮୯ ଗ୍ରାମ ପ୍ରଧାନମନ୍ତ୍ରୀ ସଡକ ଯୋଜନା -୪ ରେ ସ୍ଥାନିତ ହେବା ପାଇଁ ନିରୂପଣ ହୋଇଥିଲା ବେଳେ ତନ୍ମଧ୍ୟରୁ ୨୭୪ ପ୍ରକଳ୍ପ ମାଧ୍ୟମରେ ସଂଯୋଗୀକରଣ ପାଇଁ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ରାୟଗଡା ଜିଲ୍ଲାରେ ପକ୍କା ସଡକ ନଥିବା ୨୯୯ ଗ୍ରାମକୁ ୨୦୩୦ ମସିହା ମଧ୍ୟରେ ରାସ୍ତା ନିର୍ମାଣ କରାଯାଇ ମୁଖ୍ୟ ରାସ୍ତା ସହିତ ସଂଯୋଗ ପାଇଁ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ନଥିବୁହେ ଜିଲ୍ଲାର ସଦର ବ୍ଲକରେ ୩୨ ଗ୍ରାମକୁ ପକ୍କା ରାସ୍ତା ନଥିବା ମାତ୍ର ୪ଟି ପାଦ ଚଲା ରାସ୍ତା ରହିଛି ।ସେହିପରି ରାମନାଗୁଡ଼ା ବ୍ଲକରେ ୨୦, କୋଲନାରା ବ୍ଲକରେ ୬୦, କାଶୀପୁର ବ୍ଲକରେ ୫୮, କଲ୍ୟାଣସିଂହପୁର ବ୍ଲକରେ ୩୧, ଗୁଡ଼ାରୀ ବ୍ଲକରେ ୧୭, ଚନ୍ଦ୍ରପୁର ବ୍ଲକରେ ୪, ବିଷମକଟକ ବ୍ଲକରେ ୨୩, ମୁନିଗୁଡା ବ୍ଲକରେ ୮୩, ଗୁଣପୁର ବ୍ଲକରେ ୧୧,ଓ ପଦ୍ମପୁର ବ୍ଲକରେ ୧୭ ଗ୍ରାମକୁ ପକ୍କା ରାସ୍ତା ଖଣ୍ଡିଏ ନାହିଁ। ଏହି ଜିଲ୍ଲାରେ ଖଣିଜ ପାଣ୍ଠିର ଅଭାବ ନଥିବା ବେଳେ ଯାହା ଜଣା ପଡୁଛି ରାଜନୈତିକ ଇଚ୍ଛା ଶକ୍ତି ଏବଂ ପ୍ରଶାସନିକ ଉଦସୀନତା ର ପ୍ରତିଫଳନ ଦେଖିବାକୁ ମିଳେ। ଏଣୁ ପ୍ରଶାସନ ଏଦିଗ ପ୍ରତି ଦୃଷ୍ଟି ଦେଇ ଗାଁ ଲୋକେ କେମିତି ସକଳ ପ୍ରକାର ସୁବିଧା ପାଇ ଖୁସିରେ ରହିବେ ସେଥିପାଇଁ ତତ୍ପରତାର ସହିତ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛିଛନ୍ତି। ଏପଟେ ଗ୍ରାମ ବାସିନ୍ଦା ମଧ୍ୟ ଜିଲ୍ଲାପାଳଙ୍କ ଦୁର୍ଗମ ଅଞ୍ଚଳକୁ ପାଦରେ ଚାଲି ଚାଲି ଯାଇ ଲୋକଙ୍କ ସୁବିଧା ଅସୁବିଧା କଥା ପଚାରି ବୁଝିବା ଏବଂ କିଛି ମାସ ବ୍ୟବଧାନରେ ପୁନଃ ପୁନଃ ଅଞ୍ଚଳକୁ ଯାଇ ଅନୁସନ୍ଧାନ ଆଉ ସମୀକ୍ଷା କରି ଦେଖିବା ଲୋକଙ୍କ ମନରେ ଅନେକ ଆଶା ସଞ୍ଚାର କରିଥିବା ବେଳେ ଏ ଜିଲ୍ଲାପାଳ ରାସ୍ତାଘାଟ, ପାନୀୟଜଳ ଯୋଗାଣ ଏବଂ ସ୍ୱାସ୍ଥ୍ୟ ସମସ୍ୟା, ଶିକ୍ଷା ଆଦି ରହିଥିବା ସମସ୍ୟା ବୁଝି ତ୍ୱରିତ ପଦକ୍ଷେପ ନେବେ ବୋଲି ଆସ୍ଥା ପ୍ରକଟ କରିଛନ୍ତି ବୋଲି ସଦେଇ ମାଝୀ, ଦିନ କାଡ୍ରାକା, ପୂର୍ଣ୍ଣ ବିଭୋର ଓ ଅନ୍ୟ କେତେକ କହିଛନ୍ତି।

## ମହାଯୁଦ୍ଧ ଭିତରେ ଡିଜିସିଏର ମାର୍ଗଦର୍ଶିକା

# ୯ଦେଶର ଏୟାରସ୍ପେସ୍ ଦେଇ ଯାତ୍ରା ନ କରିବାକୁ ପରାମର୍ଶ



ନୂଆଦିଲ୍ଲୀ, ୨୦/୩ : ୨୧ ଦିନରେ ଥମୁନି ମଧ୍ୟପ୍ରାଚ୍ୟ ମହାଯୁଦ୍ଧ । ଯୁଦ୍ଧ ଘନଘଟା ଭିତରେ ଏୟାରଲାଇନ୍ସକୁ ପରମର୍ଶ ଦେଇଛି ଡିଜିସିଏ । ୯ଟି ଦେଶର ଏୟାରସ୍ପେସ୍ ଦେଇ ଯାତ୍ରା ନ କରିବାକୁ ଆଡଭାଇଜରି ଜାରି କରିଛି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ବା ଡିଜିସିଏ । ବାହାରିନ୍, ଇରାନ୍, ଇରାକ୍, ଇସ୍ରାଏଲ, ଜୋର୍ଡାନ, କୁଏତ, କତାର ଏବଂ ୟୁଏଇ ଏୟାରସ୍ପେସ୍ ଦେଇ ଯାତ୍ରା ମନା । ବିଭିନ୍ନ ଏୟାରଲାଇନ୍ସକୁ ଡିଜିସିଏ ପକ୍ଷରୁ ଆଡଭାଇଜରି ଜାରି ହୋଇଛି । ଯଥା ସମ୍ଭବ ଏହି ୯ଟି ଦେଶର ଏୟାରଲାଇନ୍ସ ଦେଇ ଯାତ୍ରା ଅଣଦେଖା କରିବାକୁ କୁହାଯାଇଛି । ଆସନ୍ତା ୨୮ ତାରିଖ ଯାଏଁ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି । ସାଉଦି ଆରବ ଓ ଓମାନ ପାଇଁ ସର୍ତ୍ତମୂଳକ ଅନୁମତି ଦେଇଛି ଡିଜିସିଏ । ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବୃଦ୍ଧି ପାଇବାରେ ଲାଗିଛି । ଉଭୟ ପାର୍ଶ୍ୱରୁ ଆକ୍ରମଣ କରାଯାଉଛି, ଯାହା ପରିସ୍ଥିତିକୁ ଆହୁରି ଖରାପ କରୁଛି । ଏହି ବିପଦକୁ ଦୃଷ୍ଟିରେ ରଖି, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାରଲାଇନ୍ସକୁ ଏକ ଚେତାବନୀ ଜାରି କରିଛି । ୧୧ଟି ବିପଦପୂର୍ଣ୍ଣ ଏୟାରସ୍ପେସକୁ ଏଡାଇବାକୁ ପରାମର୍ଶ ଦିଆଯାଇଛି । ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କହିଛି ଯେ, ମଧ୍ୟପ୍ରାଚ୍ୟ ଏବଂ ପାରସ ଉପସାଗର ଉପରେ ଉଡ଼ାଣ କରିବା ବର୍ତ୍ତମାନ ଅସୁରକ୍ଷିତ । ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ପରାମର୍ଶ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଜିଡିସିଏ ଆଡଭାଇଜରୀରେ, ୧୧ ଉଚ୍ଚ ବିପଦପୂର୍ଣ୍ଣ ଏୟାରସ୍ପେସ୍ ବିଷୟରେ କହିଛି । ଏଥିରେ ଇରାନ, ଇସ୍ରାଏଲ, ଲେବାନନ, ସାଉଦି ଆରବ, ବାହାରିନ, ଓମାନ, ଇରାକ, ଜୋର୍ଡାନ, ୟୁଏଇ, କତାର ଏବଂ କୁୱେତ ଭଳି ପ୍ରମୁଖ ଦେଶଗୁଡ଼ିକର ଏୟାରସ୍ପେସ୍ ଅନ୍ତର୍ଭୁକ୍ତ । ଆନ୍ତର୍ଜାତୀୟ ସୁରକ୍ଷା ମାପ ଅନୁଯାୟୀ, ସାଧାରଣ ପରିସ୍ଥିତିରେ ଏହି ପ୍ରଭାବିତ ଆକାଶମାର୍ଗରେ ଉଡ଼ାଣ ନ କରିବାକୁ ସମସ୍ତ ଭାରତୀୟ ବିମାନ ସେବା ନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଦେଇଛି । ଏହି ନୂଆ ପରାମର୍ଶ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ, ଏହା ପରେ ଏହାକୁ ଆହୁରି ବିସ୍ତାର କିମ୍ବା ସମାପ୍ତ କରିବା ପାଇଁ ସମୀକ୍ଷା କରାଯିବ ।

## ସ୍ୱାମୀଙ୍କୁ ଶୁଣାଇଲେ ସୁପ୍ରିମକୋର୍ଟ

# ପତ୍ନୀ ଚାକରାଣୀ ନୁହଁ, ବିବାହ କରି ବାଛିଛନ୍ତି ଜୀବନ ସାଥୀ



ନୂଆଦିଲ୍ଲୀ ୨୦।୩: ବିବାହ ସମ୍ପର୍କିତ ଏକ ବିବାଦ ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ସ୍ୱାମୀଙ୍କୁ କଡା ଭର୍ତ୍ସନା କରିଛନ୍ତି । କୋର୍ଟ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଆପଣ ବିବାହ କରିଥିବା ମହିଳା ଆପଣଙ୍କ ଚାକରାଣୀ ନୁହନ୍ତି । ଆପଣ କୌଣସି ଚାକରାଣୀଙ୍କୁ ବିବାହ କରୁ ନାହାନ୍ତି ବରଂ ଜଣେ ଜୀବନ ସାଥୀ ବାଛୁଛନ୍ତି । ଘର କାମରେ ଆପଣଙ୍କୁ ମଧ୍ୟ ହାତ ଦେବାକୁ ପଡିବ । କୋର୍ଟ କହିଛନ୍ତି ଯେ ଖାଦ୍ୟ ପ୍ରସ୍ତୁତ କରିବା, ବାସନ ମାଜିବା ଓ ଲୁଗା ସଫା କରିବା କାମରେ ପତ୍ନୀଙ୍କୁ ସହାୟତା କରିବାକୁ ପଡିବ । ଆଜିର ଦୁନିଆ ବଦଳି ଗଲାଣି । ପତ୍ନୀ ପତିଙ୍କ ଅର୍ଦ୍ଧାଙ୍ଗିନୀ ନୁହନ୍ତି ଜୀବନ ସାଥୀ ।ଲାଇଭ ଲ ଅନୁସାରେ କ୍ରୁରତା ଆଧାରରେ ପତ୍ନୀଙ୍କ ଠାରୁ ଛାଡପତ୍ର ଦାବି କରୁଥିଲେ ପତି । ଏଥିରେ କୋର୍ଟ କହିଛନ୍ତି ଯେ ପତ୍ନୀ ଯଦି ଘରର କାମ ଠିକରେ କରୁ ନାହାନ୍ତି ଏହା କ୍ରୁରତା କ୍ୟାଟଗରୀରେ ଆସୁ ନାହିଁ । ଏବେ ସମୟ ବଦଳି ଯାଇଛି,ପତିଙ୍କୁ ମଧ ପତ୍ନୀଙ୍କ କାମରେ ସହଯୋଗ କରିବାକୁ ପଡିବ । କୋର୍ଟ ପ୍ରଥମେ ଦୁଇଜଣଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ଆପୋସ ସମାଧାନ କରିବାକୁ କହିଥିଲେ । ହେଲେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇ ପାରିନାହିଁ । ଏହାପରେ କୋର୍ଟ ଶୁକ୍ରବାର ସେମାନଙ୍କୁ ଆଗାମୀ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଏହି ଦମ୍ପତ୍ତିଙ୍କ ବିବାହ ୨୦୧୭ ମସିହାରେ ହୋଇଥିଲା । ସେମାନଙ୍କର ଗୋଟିଏ ୮ ବର୍ଷର ପୁଅଟିଏ ବି ଅଛି । ଏହି ମାମଲାରେ ପତି ଆବେଦନକାରୀ ଅଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ବିବାହର ମାତ୍ର ସପ୍ତାହକ ପରେ ପତ୍ନୀ ବଦଳି ଯାଇଥିଲେ ଓ ତାଙ୍କ ସହ ଖରାପ ବ୍ୟବହାର କରିବା ଆରମ୍ଭ କରିଦେଇଥିଲେ । ମହିଳା ତାଙ୍କ ସ୍ୱାମୀଙ୍କ ମାତାପିତାଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରୁଥିଲେ ।

## ସିକ୍କିମରେ ଦୁଇଥର ମୃଦୁ ଭୂକମ୍ପ

ସିକ୍କିମ, ୨୦।୩: ସିକ୍କିମ ରାଜଧାନୀ ଗ୍ୟାଙ୍ଗଟକ୍‌ରେ ଶୁକ୍ରବାର ପ୍ରତ୍ୟୁଷରେ ଦୁଇଥର ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । ଗୋଟିଏ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୬ ଥିବାବେଳେ ଅନ୍ୟଟି ୨.୭ ଥିଲା । ଭୋର ୪ଟା ୨୬ ମିନିଟରେ ୩.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଗ୍ୟାଙ୍ଗଟକର ଉତ୍ତର ପଶ୍ଚିମରେ ୧୦.୭ କିମି ଦୂରରେ ୫ କିମି ଗଭୀରରେ ଭୂକମ୍ପ ଅନୁଭୂତ ହୋଇଥିବା ଜାତୀୟ ଭୂବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେବେ ଭୂକମ୍ପ ସମ୍ବନ୍ଧୀୟ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନାହିଁ ।

## କୁସ୍ତିଯୋଦ୍ଧା ସାଲେହ ମହମ୍ମଦିଙ୍କ ସମେତ ତିନିଜଣଙ୍କୁ ଫାଶୀ ଦେଲା ଇରାନ

ତେହେରାନ, ୨୦।୩: ଇରାନ ନିଜେ ଯୁଦ୍ଧର ନିଆଁରେ ଜଳୁଥିବା ନିଜ ଅସନ୍ତୁଷ୍ଟ ନାଗରିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣର ପୂର୍ବ ନିଷ୍ପତ୍ତିକୁ ଭୁଲି ନାହିଁ । ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ଓ ମାନବାଧିକାର ସଂଗଠନ ଅନୁଯାୟୀ, ଇରାନ କୋମରେ ଜଣେ ୧୯ ବର୍ଷୀୟ ଚାମ୍ପିଅନ୍ ରେସଲରଙ୍କ ସମେତ ତିନିଜଣ ବିକ୍ଷୋଭକାରୀଙ୍କୁ ସର୍ବସାଧାରଣରେ ଫାଶୀ ଦେଇଛି । ସଇଦ ଡାଭୋଦି ଓ ମେହଦି ଘାସେମିଙ୍କ ସହ ଉଦୀୟମାନ କୁସ୍ତି ପ୍ରତିଭା ସାଲେହ ମହମ୍ମଦିଙ୍କୁ ଫାଶୀ ଦିଆଯାଇଥିଲା । ଏହି ତିନିଜଣ ଜାନୁଆରି ୮, ୨୦୨୬ରେ ବିକ୍ଷୋଭ ସମୟରେ ଦୁଇଜଣ ପୁଲିସ କର୍ମଚାରୀଙ୍କ ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା । ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ରିପୋର୍ଟ କରିଛି ଯେ କୋମରେ ବହୁ ଲୋକଙ୍କ ଉପସ୍ଥିତିରେ ଏହି ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଏହି ତିନିଜଣ ହେଉଛନ୍ତି ପ୍ରଥମ ଜଣାଶୁଣା ବିକ୍ଷୋଭକାରୀ ଯିଏକି ଡିସେମ୍ବର ୨୦୨୫ ଶେଷ ଭାଗରେ ଆରମ୍ଭ ହୋଇ ଜାନୁଆରି ୨୦୨୬ ପର୍ଯ୍ୟନ୍ତ ଜାରି ରହିଥିବା ଦେଶବ୍ୟାପୀ ଅଶାନ୍ତି ସହ ଜଡିତ । ଇରାନ ମାନବାଧିକାର ଗୋଷ୍ଠୀ (ଆଇଏଚ୍‌ଆର୍‌ଜିଓ) ଏହି ମାମଲାକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିଛି ଏବଂ ଚେତାବନୀ ଦେଇଛି ଯେ ଅଧିକ ମୃତ୍ୟୁଦଣ୍ଡ ଦିଆଯାଇପାରେ । ଗୋଷ୍ଠୀର ନିର୍ଦ୍ଦେଶକ ମେହମୁଦ ଆମିରି-ମୋଗଦ୍ଦାମ କହିଛନ୍ତି, ନିର୍ଯାତନା ଦେଇ ବଳପୂର୍ବକ ଆଦାୟ କରାଯାଇଥିବା ସ୍ୱୀକାରୋକ୍ତି ଉପରେ ଆଧାର କରି ଏହି ମୃତ୍ୟୁଦଣ୍ଡ ଦିଆଯାଇଛି । ସେ ଆହୁରି କହିଛନ୍ତି, ଆମେ ଏହି ମୃତ୍ୟୁଦଣ୍ଡକୁ ନ୍ୟାୟ-ବହିର୍ଭୂତ ହତ୍ୟାକାଣ୍ଡ ବୋଲି ବିବେଚନା କରୁଛୁ, ଯାହା ରାଜନୈତିକ ଅସନ୍ତୋଷକୁ ଦମନ କରିବା ପାଇଁ ଆତଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ କରାଯାଇଛି ।

## ପର୍ଲ ହାର୍ବର ଆକ୍ରମଣକୁ ନେଇ ଜାପାନ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପଙ୍କ କଟାକ୍ଷ



ଟୋକିଓ, ୨୦।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାପାନ ପ୍ରଧାନମନ୍ତ୍ରୀ ସନାଏ ତାକାଇଚିଙ୍କ ସହିତ ସାମ୍ବାଦିକ ସମ୍ମିଳନରେ ୧୯୪୧ ମସିହାର ପର୍ଲ ହାର୍ବର ଉପରେ ଆକ୍ରମଣକୁ ନେଇ କଟାକ୍ଷ କରିଛନ୍ତି । ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଟ୍ରମ୍ପଙ୍କୁ ତୀବ୍ର ସମାଲୋଚନା କରାଯାଇଛି । ତାକାଇଚିଙ୍କ ସହିତ ଟ୍ରମ୍ପଙ୍କୁ ମିଳିତ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ଯେତେବେଳେ ପ୍ରଶ୍ନ କରିଥିଲେ ଯେ, ଇରାନ ଆକ୍ରମଣ ପୂର୍ବରୁ ଟ୍ରମ୍ପ ଜାପାନ ପରି ସହଯୋଗୀ ଦେଶକୁ କାହିଁକି ସୂଚିତ କରିନଥିଲେ । ଟ୍ରମ୍ପ କହିଥିଲେ, ଆମେ ଆକ୍ରମଣ ସମ୍ପର୍କରେ କାହାକୁ ବି କହିନଥିଲୁ । ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବା ପାଇଁ ଆମେ ଏହାକୁ ଗୋପନ ରଖିଥିଲୁ । ଏହାସହିତ ଟ୍ରମ୍ପ କହିଥିଲେ, ଜାପାନଠାରୁ ଅଧିକ ଆଶ୍ଚର୍ଯ୍ୟ ହେବାର କଳା ଆଉ କାହା ପାଖରେ ଅଛି ? ଆପଣ ମୋତେ ପର୍ଲ ହାର୍ବର ବିଷୟରେ କାହିଁକି କହି ନଥିଲେ ବୋଲି ଟ୍ରମ୍ପ ତାକାଇଚିଙ୍କୁ କହିଥିଲେ । ଟ୍ରମ୍ପଙ୍କ ଏହି କଟାକ୍ଷକୁ ସାମାଜିକ ଗଣମାଧ୍ୟମରେ ତୀବ୍ର ସମାଲୋଚନା କରାଯାଇଛି । କେତେ ଜଣ ୟୁଜର ପ୍ରଶ୍ନ କରିଛନ୍ତି ଯେ, ଟ୍ରମ୍ପ କ'ଣ ୭ ଡିସେମ୍ବର ୧୯୪୧ ମସିହାରେ ପର୍ଲ ହାର୍ବର ଆକ୍ରମଣ ସମୟରେ ଜନ୍ମ ହୋଇଥିଲେ କି ? ସୂଚନାଯୋଗ୍ୟ, ଟ୍ରମ୍ପ ପାର୍ଲ ହାର୍ବର ଆକ୍ରମଣ ଘଟଣାର ୫ ବର୍ଷ ପରେ ୧୪ ଜୁନ୍ ୧୯୪୬ ମସିହାରେ ଜନ୍ମଗ୍ରହଣ କରିଥିଲେ । କେତେକ ୟୁଜର୍ସ କହିଥିଲେ, ଜାପାନ କାହିଁକି ଏହାର ଜବାବ ଦେଇନଥିଲା । ତେବେ ପର୍ଲ ହାର୍ବର ପ୍ରସଙ୍ଗକୁ ନେଇ ଜାପାନ ପ୍ରଧାନମନ୍ତ୍ରୀ ଅସହଜ ଅନୁଭବ କରିଥିଲେ । କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ପର୍ଲ ହାର୍ବରରେ ଥିବା ଆମେରିକା ନୌସେନା ଘାଟି ଉପରେ ଆକ୍ରମଣ କରିଥିଲା । ଏହି ଘଟଣା ଯୁଦ୍ଧର ଗତିପଥ ବଦଳାଇ ଦେଇଥିଲା ଓ ଆମେରିକା ଏଥିରେ ସାମିଲ ହୋଇଥିଲା ।

## ଆମେରିକାର ଲଢୁଆ ଜେଟକୁ ଲ୍ୟାଣ୍ଡିଂ ଅନୁମତି ଦେଲା ନାହିଁ ଶ୍ରୀଲଙ୍କା




ନୂଆଦିଲ୍ଲୀ, ୨୦।୩ : ଆମେରିକାକୁ କଡ଼ା ଜବାବ ଦେଲା ଶ୍ରୀଲଙ୍କା । ନିଜ ଭୂମିରେ ୟୁଏସର ଯୁଦ୍ଧ ଜାହାଜର ଅବତରଣ କରିବାକୁ କଲା ମନା । ଦେଲା ନାହିଁ କୌଣସି ଅନୁମତି । ଇରାନ ଯୁଦ୍ଧ ବେଳେ ଆମେରିକା ନିଜର ଦୁଇଟି ଫାଇଟର ଜେଟକୁ ଶ୍ରୀଲଙ୍କାର ଦକ୍ଷିଣ-ପୂର୍ବ ମଟ୍ଟାଲା ଅନ୍ତର୍ଜାତୀୟ ଏୟାରପୋର୍ଟରେ ଲ୍ୟାଣ୍ଡ କରେଇବାକୁ ଚାହୁଁ ଥିଲା । କିନ୍ତୁ ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଆମେରିକାକୁ ଏହାର ଅନୁମତି ଦେଇ ନଥିଲେ । ଶୁକ୍ରବାର ଶ୍ରୀଲଙ୍କାର ରାଷ୍ଟ୍ରପତି ସଂସଦରେ ଏହି କଥାର ଘୋଷଣା କରିଥିଲେ । ସଂସଦରେ ଏହି ନିଷ୍ପତ୍ତିର ଘୋଷଣା କରି ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ କହିଛନ୍ତି ଯେ, ଜିବୁତିରୁ ଆମେରିକାର ଦୁଇଟି ଯୁଦ୍ଧ ବିମାନ ୪ ଓ ୮ ମାର୍ଚ୍ଚରେ ଶ୍ରୀଲଙ୍କାରେ ଲ୍ୟାଣ୍ଡ କରିବାକୁ ଅନୁମତି ମାଗି ଥିଲା । କିନ୍ତୁ ଆମେରିକାର ଏହି ଦୁଇଟି ଅନୁରୋଧ ଅସ୍ୱୀକାର କରି ଦିଆ ଯାଇଥିଲା । ରାଷ୍ଟ୍ରପତି କହିଥିଲେ ଅନେକ ଚାପ ସତ୍ତ୍ୱେ ଆମେ ଆମର ନିଷ୍ପତ୍ତିରେ ନିରପେକ୍ଷ ରହିବାକୁ ଚାହିଁଛୁ । ଆମେ ନଇଁବୁ ନାହିଁ । ମଧ-ପୂର୍ବର ଯୁଦ୍ଧ ଚ୍ୟାଲେଞ୍ଜ ସୃଷ୍ଟି କରି ଦେଇଛି । କିନ୍ତୁ ଆମେ ନିରପେକ୍ଷ ରହିବାକୁ ଯଥା ସମ୍ଭବ ଚେଷ୍ଟା କରିବୁ । ଶ୍ରୀଲଙ୍କା ରାଷ୍ଟ୍ରପତି କହିଥିଲେ ସେମାନେ ଜିବୁତିର ଏକ ଘାଟିରୁ ଆଠଟି ଆଣ୍ଟି ସିପ୍ କ୍ଷେପଣାସ୍ତ୍ର ସହ ସଜ୍ଜିତ ଦୁଇଟି ଯୁଦ୍ଧ ବିମାନ ମାଟ୍ଟାଲା ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଆଣିବାକୁ ଚାହୁଁଥିଲେ, ଏବଂ ଆମେ ସିଧାସଳଖ ମନା କରିଦେଲୁ ।' ଦିସାନାୟକେଙ୍କ ଏହି ବିବୃତ୍ତି ଦକ୍ଷିଣ ଏବଂ ମଧ ଏସିଆ ପାଇଁ ଆମେରିକାର ସ୍ୱତନ୍ତ୍ର ଦୂତ ସର୍ଗିଓ ଗୋରଙ୍କ ସହ ସାକ୍ଷାତ କରିବାର ଗୋଟିଏ ଦିନ ପରେ ଆସିଛି । ଏକ ବିବୃତ୍ତିରେ କୁହାଯାଇଛି ଯେ, ରାଷ୍ଟ୍ରପତି ଦିସାନାୟକେ ଓ ସର୍ଗିଓ ଗୋର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ଓ ବନ୍ଦରକୁ ସୁରକ୍ଷିତ ରଖିବା , ପାରସ୍ପରିକ ଲାଭଦାୟୀ ବ୍ୟାପାର ଓ ବାଣିଜ୍ୟିକ ସମ୍ବନ୍ଧକୁ ମଜବୁତ କରିବା ,ତଥା ଏକ ସ୍ୱତନ୍ତ୍ର , ଖୋଲା ଓ ଏକ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଆମେରିକାର ପ୍ରୟାସ ବିଷୟରେ ଆଲୋଚନା କରାଯାଇଛି ।

## ପ୍ରେମାନନ୍ଦ ଜୀଙ୍କୁ ଭେଟିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ ୨୦।୦୩; ଆଜି ମଥୁରା ଗସ୍ତରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେ ରହିବା ସମୟରେ ବୃନ୍ଦାବନ ସ୍ଥିତ ରାଧା କେଳି କୁଞ୍ଜ ଆଶ୍ରମରେ ପହଞ୍ଚିଛନ୍ତି । ସେ ସେଠାରେ ପହଞ୍ଚି ସନ୍ଥ ପ୍ରେମାନନ୍ଦ ମହାରାଜ ଜୀଙ୍କୁ ଭେଟି ତାଙ୍କ ଆଶୀର୍ବାଦ ପ୍ରାପ୍ତ କରିଛନ୍ତି । ଆଶ୍ରମରେ ରାଷ୍ଟ୍ରପତି ପହଞ୍ଚିବା ପରେ ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିବା ଜଣାପଡିଛି । ଏଥିସହ ସେ ଏକାନ୍ତରେ ବସି ପ୍ରେମାନନ୍ଦ ମହାରାଜଙ୍କ ସହ ମଧ ବାର୍ତ୍ତାଳୋପ କରିଛନ୍ତି । ସୂଚନାନୁଯାୟୀ, ମଥୁରାରେ ରାଷ୍ଟ୍ରପତି ମୁର୍ମୁ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ନ୍ୟାୟପାଳିକା ସମ୍ପର୍କିତ ଏନସିଇଆରଟିର ସଂଶୋଧିତ ଅଧ୍ୟାୟ ସମୀକ୍ଷା ପାଇଁ ବିଶେଷଜ୍ଞଙ୍କ ପାନେଲ ଗଠନ



ନୂଆଦିଲ୍ଲୀ, ୨୦।୩: ନ୍ୟାୟପାଳିକା ସମ୍ପର୍କିତ ଏନସିଇଆରଟି ପୁସ୍ତକର ସଂଶୋଧିତ ଅଧ୍ୟାୟ ଉପରେ ସମୀକ୍ଷା ପାଇଁ ବିଶେଷଜ୍ଞଙ୍କ ପାନେଲ ଗଠନ କରାଯାଇଥିବା ନେଇ ସୁପ୍ରିମକୋର୍ଟଙ୍କୁ ଶୁକ୍ରବାର କେନ୍ଦ୍ର ସରକାର ଅବଗତ କରିଛନ୍ତି । ଏହି କମିଟିରେ ଦୁଇ ଜଣ ପୂର୍ବତନ ବିଚାରପତି ମଧ ଅଛନ୍ତି । ଏନସିଇଆରଟିର ୮ ମ ଶ୍ରେଣୀ ବହିରେ ନ୍ୟାୟପାଳିକାରେ ଦୁର୍ନୀତି ଅଧ୍ୟାୟକୁ ନେଇ ବିବାଦ ପରେ ବିଶେଷଜ୍ଞଙ୍କ କମିଟି ଗଠନ କରାଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟ ଖଣ୍ଡପୀଠକୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ପାନେଲରେ ବରିଷ୍ଠ ଓକିଲ ତଥା ପୂର୍ବତନ ଆଟର୍ଣ୍ଣି ଜେନେରାଲ କେକେ ବେଣୁଗୋପାଳ, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଇନ୍ଦୁ ମଲହୋତ୍ରା, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ବର୍ତ୍ତମାନ ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଥିବା ଅନିରୁଦ୍ଧ ବୋଷ ଓ ଜଣେ କୁଳପତି ଅଛନ୍ତି । କୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶିତ ନ୍ୟାୟିକ, ଶିକ୍ଷାଗତ ଏବଂ ବୃତ୍ତିଗତ ବିଶେଷଜ୍ଞତାକୁ ନେଇ ପ୍ୟାନେଲ ଗଠନ ହୋଇଛି ବୋଲି କେନ୍ଦ୍ର ସରକାର କହିଥିଲେ ।

## ଏଲପିଜି ସଙ୍କଟକୁ ନେଇ ସରକାରଙ୍କ ବିବୃତି

# ବିକଳ୍ପ ବ୍ୟବସ୍ଥା ଆପଣାଇବାକୁ ଅପିଲ୍



ନୂଆଦିଲ୍ଲୀ, ୨୦।୩: ଇସ୍ରାଏଲ- ଇରାନ ଯୁଦ୍ଧକୁ ବିତିଲାଣି ୨୦ ଦିନ । ଯୁଦ୍ଧ ଯୋଗୁ ହୋର୍ମୁଜ ପ୍ରଣାଳୀକୁ ଇରାନ ବନ୍ଦ କରିଥିବାରୁ ବିଶ୍ୱର ଅନେକ ଦେଶ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଏମିତିରେ ଭାରତରେ ମଧ ଏଲପିଜି ଗ୍ୟାସର ଅଭାବ ପରିଲକ୍ଷିତ ହୋଇଛି । ଏହାରି ମଧ୍ୟରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା ଏକ ବିବୃତ୍ତିରେ ଏଲପିଜି ସ୍ଥିତିକୁ ନେଇ ବିବୃତ୍ତି ରଖିଛନ୍ତି । ସେ କହିଛନ୍ତି ଦେଶରେ ଏଲପିଜି ସ୍ଥିତି ଏବେବି ଗୁରୁତର ରହିଛି । ତଥାପି ସରକାର ଯୋଗାଣ ନିରବଚ୍ଛିନ୍ନ କରିବାକୁ ଚେଷ୍ଟା କରୁଛନ୍ତି । ସରକାର କହିଛନ୍ତି ଘରୋଇ ଉପଭୋକ୍ତାଙ୍କ ସୁବିଧା ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ଏଥିପାଇଁ ଘରୋଇ ଉପଭୋକ୍ତାଙ୍କ ପାଖରେ ୧୦୦% ଏଲପିଜି ପହଞ୍ଚାଯାଉଛି । ଅବଶ୍ୟ ସ୍ଥିତି ଏବେବି ଚିନ୍ତାଜନକ ରହିଛି । ପାନିକ୍ ବୁକିଂରେ ହ୍ରାସ ପାଇଛି । କିନ୍ତୁ ଲୋକଙ୍କୁ ଅପିଲ୍ କରାଯାଇଛି ଗୁଜବ ଉପରେ ଧ୍ୟାନ ନଦିଅନ୍ତୁ ଆଉ ଆବଶ୍ୟକତା ହିସାବରେ ହିଁ ଗ୍ୟାସ ବୁକ କରନ୍ତୁ । ସରକାର ସ୍ପଷ୍ଟ କରିଛନ୍ତି ଯେ, ଏଲପିଜି ସ୍ଥିତି ଏବେବି ଚିନ୍ତାଜନକ ରହିଛି । ଯୋଗାଣ ନିରବଚ୍ଛିନ୍ନ ରଖିବା ପାଇଁ ଚେଷ୍ଟା ଜାରି ରହିଛି । କିନ୍ତୁ ସାଧାରଣ ଲୋକଙ୍କୁ ଅନୁରୋଧ ସେମାନେ ବିକଳ୍ପ ଇନ୍ଧନ ଉପରେ ମଧ ବିଚାର କରନ୍ତୁ ଏବଂ ଭୟଭୀତ ହୋଇ ନକିଣନ୍ତୁ । ସରକାର କଳାବଜାର ଏବଂ ମହଜୁଦକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ, ଅନେକ ରାଜ୍ୟରେ ୪୫୦୦ରୁ ଅଧିକ ରେଡ୍ କରାଯାଇଛି । ଏହାର ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବା ଯେ, ଏଲପିଜିର ଯୋଗାଣ ଉଚିତ ଢଙ୍ଗରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ । ସରକାର ଏଲପିଜି ଉତ୍ପାଦନ ବଢ଼ାଇବା ଉପରେ ଜୋର ଦେଇଛନ୍ତି ।

## ପଶ୍ଚିମ ଏସିଆ ଅଭିମୁଖେ ବିଶାଳ ସାମରିକ ବାହିନୀ ପଠାଉଛି ଆମେରିକା

ୱାଶିଂଟନ, ୨୦।୩: ଇରାନ ସହିତ ଜାରି ରହିଥିବା ପ୍ରବଳ ଉତ୍ତେଜନା ଓ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ନିକଟରେ ହେଉଥିବା ଲଗାତାର ସାମରିକ ଆକ୍ରମଣ ମଧ୍ୟରେ ଆମେରିକା ପଶ୍ଚିମ ଏସିଆ ଅଭିମୁଖେ ଏକ ବିଶାଳ ସାମରିକ ବାହିନୀ ପଠାଉଛି । ଆମେରିକାର ଅତ୍ୟାଧୁନିକ ଆମ୍ଫିବିୟସ୍ ଆସଲ୍ଟ ସିପ୍ ''ୟୁଏସଏସ୍ ତ୍ରିପୋଲି'' ନେତୃତ୍ୱରେ ଏକ ଶକ୍ତିଶାଳୀ ଆମ୍ଫିବିୟସ୍ ରେଡି ଗ୍ରୁପ୍ (ଏଆରଜି) ପ୍ରାୟ ୨,୦୦୦ ରୁ ଅଧିକ ଦୁର୍ଦ୍ଧର୍ଷ ମାରିନ ସୈନ୍ୟଙ୍କୁ ଧରି ଏହି ଅଞ୍ଚଳକୁ ଅଗ୍ରସର ହେଉଛି । ସାଟେଲାଇଟ୍ ଚିତ୍ର ଅନୁଯାୟୀ, ଗତ ମାର୍ଚ୍ଚ ୧୫ ତାରିଖରେ ଏହି ବିଶାଳ ଯୁଦ୍ଧ ଜାହାଜଟି ଦକ୍ଷିଣ ଚୀନ୍ ସାଗର ଦେଇ ଦକ୍ଷିଣ-ପଶ୍ଚିମ ଦିଗରେ ଯାତ୍ରା କରୁଥିବାର ଦେଖାଯାଇଥିବା ବେଳେ ଏହାର ପରଦିନ ଏହା ସିଙ୍ଗାପୁର ନିକଟରେ ପହଞ୍ଚିଥିଲା ।

## ପଶ୍ଚିମବଙ୍ଗରେ ମୋଦି କରିବେ ୧୪ ରାଲି

କୋଲକାତା, ୨୦।୩: ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଗଡ଼ ଦଖଲ କରିବା ପାଇଁ ବିଜେପି ଏଥର ନିଜର ପୂରା ଶକ୍ତି ଲଗାଇ ଦେଇଛି । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ବିଜେପିର ଶୀର୍ଷ ନେତାମାନଙ୍କ ପ୍ରଚାର ଅଭିଯାନ ଜୋରଦାର ହେବାକୁ ଯାଉଛି । ଆସନ୍ତା ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗରେ ୧୪ଟି ରାଲି ଏବଂ ରୋଡ୍-ସୋ କରିବେ । ନିକଟରେ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ଉତ୍ସାହରୁ ସ୍ପଷ୍ଟ ଜଣାପଡୁଛି ଯେ ଏଥର ବେଙ୍ଗଲରେ ସତ୍ତା ପରିବର୍ତ୍ତନ ହେବ । ମୈଦାନରେ ଗୃହମନ୍ତ୍ରୀ ଅମିତ ଶାହ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ ୮ଟି ଲେଖାଏଁ ଜନସଭା ଓ ରୋଡ୍-ସୋ କରିବାର କାର୍ଯ୍ୟକ୍ରମ ରହିଛି ।

## ପାକ୍ ଆଣିଲା ଅଭିଯୋଗ

# ଆଫଗାନିସ୍ତାନକୁ ଯୁଦ୍ଧରେ ସାହାଯ୍ୟ କରୁଛି ଭାରତ



ନୂଆଦିଲ୍ଲୀ, ୨୦।୩: ଆଫଗାନିସ୍ତାନରେ ତାଲିବାନର ସର୍ବୋଚ୍ଚ ନେତା ହିବାତୁଆଲ୍ଲାହ ଆଖୁନ୍ଦଜାଦା ପାକିସ୍ତାନ ସମ୍ପର୍କରେ ଏକ ଅତ୍ୟନ୍ତ କଠୋର ଏବଂ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ଇଦ-ଉଲ-ଫିତର ଅବସରରେ କାନ୍ଦାହାରର ଇଦଗାହରେ ହଜାର ହଜାର ଲୋକଙ୍କୁ ସମ୍ବୋଧିତ କରି ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ତାଲିବାନ କୌଣସି ପ୍ରକାରର ସାମରିକ ଧମକ କିମ୍ବା ଆକ୍ରମଣ ଦ୍ୱାରା ଭୟଭୀତ ନୁହେଁ । ତାଙ୍କ ଭାଷଣରେ, ଆଖୁନ୍ଦଜାଦା ପାକିସ୍ତାନକୁ ଟାର୍ଗେଟ କରିଥିଲେ । ସ୍ପଷ୍ଟ ଭାବରେ ନାମ ନ ନେଇ କହିଥିଲେ ଯେ ବିମାନ ଆକ୍ରମଣ, ଗୁଳିବର୍ଷା କିମ୍ବା ବଳପ୍ରୟୋଗର ରଣନୀତି ଦ୍ୱାରା ସେମାନଙ୍କର ସ୍ଥିତି ପରିବର୍ତ୍ତନ ହେବ ନାହିଁ । ସେ ଜୋର ଦେଇ କହିଥିଲେ ଯେ ଯଦି ତାଲିବାନ ଭୟଭୀତ ହୋଇଥାନ୍ତା, ତେବେ ସେମାନେ କେବେବି ନାଟୋ ଏବଂ ପଶ୍ଚିମ ରାଷ୍ଟ୍ରଗୁଡ଼ିକ ବିରୋଧରେ ଦୀର୍ଘ ଯୁଦ୍ଧ ସହ୍ୟ କରିପାରି ନଥାନ୍ତେ । ଏହି ବିବୃତ୍ତି ଏକ ସିଧାସଳଖ ସୂଚକ ଭାବରେ କାର୍ଯ୍ୟ କରେ ଯେ ତାଲିବାନ ଏବେ ନିଜକୁ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଅଧିକ ଆତ୍ମନିର୍ଭରଶୀଳ ମନେ କରୁଛି । ଏହି ସମୟରେ, ଭାରତ ବିରୁଦ୍ଧରେ ଏକ ସମୟରେ ଅଭିଯୋଗ ନ କରି ପାକିସ୍ତାନ ପାଇଁ କାହା ସହିତ ସଂଘର୍ଷରେ ଫସି ରହିବା ପ୍ରାୟତଃ ଅକଳ୍ପନୀୟ; ପ୍ରକୃତରେ, ପାକିସ୍ତାନ ଏବେ ଏକ ଅଜବ ଦାବି କରିଛି । ପାକିସ୍ତାନୀ ସେନା ଅଭିଯୋଗ କରିଛି ଯେ ତାଲିବାନ ଦ୍ୱାରା କରାଯାଇଥିବା ଆକ୍ରମଣରେ ଭାରତୀୟ ଡ୍ରୋନ ବ୍ୟବହାର କରାଯାଇଥିଲା ।

## ଦୁଷ୍କର୍ମ ଅଭିଯୋଗରେ ଜ୍ୟୋତିଷ ଅଶୋକ ଗିରଫ



ନୂଆଦିଲ୍ଲୀ, ୨୦/୩ : ଯାହାଙ୍କୁ ହାତ ଦେଖାଇ ଲୋକମାନେ ସେମାନଙ୍କର ଭବିଷ୍ୟତ ଖୋଜିବାକୁ ଆସିଥିଲେ, ସେହି ହାତ ଅନେକ ମହିଳାଙ୍କ ଭାଗ୍ୟରେ ଅନନ୍ତ ଅନ୍ଧକାର ଲେଖିଛି । ବିଶ୍ୱାସର ଫାଇଦା ଉଠାଇ ଛଳନା କରିଛି । ନାସିକର ପ୍ରସିଦ୍ଧ ଜ୍ୟୋତିଷ ଅଶୋକ ଖରାଟ ଓରଫ କ୍ୟାପଟେନ, ଯିଏ ନିଜକୁ ଦିବ୍ୟ ଶକ୍ତିର ଅଧିକାରୀ ବୋଲି ଦାବି କରିଥିଲେ ତାଙ୍କର ଅସଲ ଚେହେରା ପଦାରେ ପଡିଛି । ତାଙ୍କ ବିରୋଧରେ ୩ ବର୍ଷରୁ ଅଧିକ ସମୟ ଧରି ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବାର ଅଭିଯୋଗ ରହିଛି । ପୁଲିସର ସ୍ୱତନ୍ତ୍ର ତଦନ୍ତ ଟିମର ତଦନ୍ତରେ ଖୁଲାସା ହୋଇଛି । ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ହାଇପ୍ରୋଫାଇଲ ଜ୍ୟୋତିଷ ଅଶୋକ ଖରାଟଙ୍କ ବିରୋଧରେ ତଦନ୍ତ ବଢିବା ସହିତ ତାଙ୍କ ଚିତ୍ର ସ୍ପଷ୍ଟ ହେଉଛି । କନାଡା କର୍ଣ୍ଣରରେ ଥିବା ତାଙ୍କ ବିଳାସପୂର୍ଣ୍ଣ କାର୍ଯ୍ୟାଳୟରୁ ସିନ୍ନାରରେ ଥିବା ତାଙ୍କ ସିକ୍ରେଟ୍ ଫାର୍ମହାଉସ ପର୍ଯ୍ୟନ୍ତ, ଖରାଟ ମହିଳାଙ୍କୁ ଫସାଇବା ପାଇଁ ୩ ସ୍ତରୀୟ ଜାଲ ବିଛାଇଥିଲେ । ଖାଲି ସେତିକି ନୁହେଁ ମହାରାଷ୍ଟ୍ର ମହାରାଷ୍ଟ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ତାଙ୍କୁ ଭେଟି ହାତ ଦେଖାଇଥିବା ଫଟୋ ସାମ୍ନାକୁ ଆସିଛି । ଏହା ସହିତ ମହିଳା କମିଶନ ଅଧକ୍ଷା ତାଙ୍କ ପାଦ ଧୋଇଥିବା ଭିଡିଓ ସାମ୍ନାକୁ ଆସିଛି ।

## ସାଇବର ସଚେତନତା ଶିବିର

ଭଦ୍ରକ(ନିପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ତିହିଡ଼ି ଡିଗ୍ରୀ କଲଜ, ତିହିଡ଼ିରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ତିହିଡ଼ି ଡିଗ୍ରୀ କଲଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର, ଭଦ୍ରକ ଡାକ ବିଭାଗର ବିଜନେସ ଏକ୍ଜିକ୍ୟୁଟିଭ ଶୋଭନ ମହାନ୍ତି, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧକ୍ଷ ଦୟାନିଧି ଦାସ, ଭଦ୍ରକ ଲିଡ୍ ବ୍ୟାଙ୍କ ମ୍ୟାନେଜର୍ ରାଜୀବ କୁମାର ରଞ୍ଜନ, ଲିଡ୍ ବ୍ୟାଙ୍କ୍ ସି ଏଫ୍ ଏଲ୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ ମନୋଜ୍ କୁମାର ଦାସ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ମହୋଦୟା ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ । ପିଲାମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷା ପିଲାମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ

ନିମାପଡ଼ା,(ନି.ପ୍ର.): ଏହି ବ୍ଲକ୍ ଅଧୀନସ୍ଥ କୁଆଁସ ଗ୍ରାମରେ ଥିବା ନୀଳକଣ୍ଠ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀ ଦୁର୍ବ୍ୟବହାର ପ୍ରଦର୍ଶନ ନେଇ ଜାତିଆଣ ଆକ୍ଷେପ କରିବା ନେଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ନିକଟରେ ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦିଆଯିବାର ୧ ମାସ ବିତିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ବିଦ୍ୟାଳୟକୁ ଡ଼େରିରେ ଆସିବା, ରୁକ୍ଷ ଭାଷା ପ୍ରୟୋଗ, ଦୁର୍ବ୍ୟବହାର ପ୍ରଦର୍ଶନ ସହ ଛାତ୍ରଛାତ୍ରୀଙ୍କୁ କୁଶିକ୍ଷା ଦେବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ଅଭିଯୋଗ ପତ୍ରରେ ଅବଗତ କରିଥିଲେ । ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇଙ୍କୁ ପଚାରିବାରେ ବିଦ୍ୟାଳୟକୁ ଯାଇ ଜନୈକ ଅଧିକାରୀ ଘଟଣାର ତଦନ୍ତ କରୁଥିବା ବେଳେ ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ବିଦ୍ୟାଳୟରେ ପ୍ରବେଶ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଧମକ ଚମକ ଦେଇଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ତେବେ ଘଟଣାର ତଦନ୍ତ କରି ପଦକ୍ଷେପ ନେବା ପାଇଁ ଗ୍ରାମ କମିଟି ସଭାପତି ସରୋଜ ସ୍ୱାଇଁ ଦାବି କରିଛନ୍ତି ।

## ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଶୀର୍ଷକ କର୍ମଶାଳା

କଟକ, (ନିପ୍ର): ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର କରି ଜିଲ୍ଲାର ଜନସାଧାରଣଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ସେ ନେଇ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବହୁ ଆବଶ୍ୟକତା ରହିଛି । ପ୍ରତ୍ୟେକ ବିଭାଗ ଏହି ଏଆଇକୁ କାର୍ଯ୍ୟଧାରାରେ ପ୍ରୟୋଗ କରି କାର୍ଯ୍ୟ ସଂପାଦନ କରିବା ସହ କାର୍ଯ୍ୟ କ୍ଷମତା ମଧ୍ୟ ବୃଦ୍ଧି କରିପାରିବେ । ମାତ୍ର, ଏହାକୁ ପ୍ରୟୋଗ କରିବା ବେଳେ ସତର୍କତା ଅବଲମ୍ବନ କରିବା ଜରୁରୀ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଓକାକୋ ସୌଜନ୍ୟରୁ ଓକେସିଏଲ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଆକାଶ ବେହେରା ଓ ଦେବାଶିଷ ରେଡ଼ି ତାଲିମଦାତା ଭାବେ ଯୋଗ ଦେଇଥିଲେ । ପ୍ରଶାସନକୁ ଅଧିକ କାର୍ଯ୍ୟକ୍ଷମ ଓ ଲୋକାଭିମୁଖୀ କରିବାରେ ଏଆଇ ଏକ ପ୍ରମୁଖ ମାଧ୍ୟମ ହୋଇପାରିବ । ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ପ୍ରଶାସନିକ କ୍ଷେତ୍ରରେ ଅତ୍ୟାଧୁନିକ କୃତିମ ବୁଦ୍ଧିମତାର କିପରି ବିଭିନ୍ନ ଭୂମିକାରେ ବ୍ୟବହାର କରିବାକୁ ଉଦ୍ୟମୀ ହେବେ ସେଥିପାଇଁ ଏହି କର୍ମଶାଳାର ଆୟୋଜନ ହୋଇଥିଲା।

## ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

ନୟାଗଡ,(ନିପ୍ର): ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ମଧୁମିତା ରଥଙ୍କ ଅଧକ୍ଷତାରେ ଓଡିଶା ଦିବସ -୨୦୨୬ ଏବଂ ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଓଡ଼ିଶା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକର ଆଲୋଚନା କରାଯାଇଥିଲା। ଉକ୍ତ ଦିନ ସକାଳ ୬ ଘଟିକାରୁ ୭ଘଟିକା ମଧ୍ୟରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ଦେଶାତ୍ମବୋଧକ ସଂଗୀତର ପ୍ରଚାର ପ୍ରସାର କରାଯିବ । ଏହା ପରେ ସକାଳ ୮ ଘଟିକାରେ ପୌରପରିଷଦ ଅଞ୍ଚଳରେ ଥିବା ବିଭିନ୍ନ ପ୍ରତିମୂର୍ତ୍ତି ମାନଙ୍କରେ ମାଲ୍ୟାର୍ପଣ କରାଯିବାକୁ ସ୍ଥିର କରାଗଲା । ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା ଓ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା କରାଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ଦିବା ୧୧ ଘଟିକା ସମୟରେ ନୟାଗଡ଼ ଜିଲ୍ଲାର ଉତ୍କଳ ସମ୍ମିଳନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଯଥା କୁଇଜ ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହେବ କ୍ଷ ସନ୍ଧ୍ୟା ୬ଘଟିକା ୩୦ମିନିଟ ସମୟରେ ସାଧାରଣ ସଭା ପଠାଣି ସାମନ୍ତ ସଂସ୍କୃତି ଭବନରେ କରାଯିବ ବୋଲି ସ୍ଥିର କରାଗଲା ।

# ମହାବୀର ମାର୍କେଟ୍ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ



ଭୁବନେଶ୍ୱର (ନିପ୍ର): ରାଜଧାନୀର ସିଆରପି ଛକରେ ଥିବା ମହାବୀର ମାର୍କେଟ୍ କମ୍ପ୍ଲେକ୍ସରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ, ସିଆରପି ଛକ ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ଦେଖୁ ଦେଖୁ ମାର୍କେଟ କମ୍ପ୍ଲେକ୍ସରେ ଥିବା ପ୍ରଥମ ମହଲାରେ ଥିବା ଏକାଧିକ ଦୋକାନରେ ନିଆଁ ବ୍ୟାପି ଯାଇଥିଲା। ଭିତରେ ଥିବା ସମସ୍ତ ଦୋକାନୀ ବାହାରକୁ ଦୌଡ଼ିଥିଲେ। ଏନେଇ ଅଗ୍ନିଶମ ବାହିନୀ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ୫ଟି ଦମକ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରୁଥିବା ଜଣାପଡିଛି। ଫାୟାର ଫାଇଟ୍ ଟିମ୍ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛି। ମାର୍କେଟ୍ କମ୍ପ୍ଲେକ୍ସ କିଛି ଗୋଦାମ ଘର ଥିବା ଜୋରଦାର ନିଆଁ ଲାଗିଥିବା ଜଣାପଡ଼ିଛି। ସୂଚ଼ନା ଅନୁଯାୟ, ଶୁକ୍ରବାର ପ୍ରାୟ ସାଢେ ୧୦ଟାରୁ ୧୧ଟା ମଧ୍ୟରେ ସିଆର୍‌ପି ଅଞ୍ଚଳରେ ଥିବା ମହାବୀର ମାର୍କେଟ କମ୍ପ୍ଲେକ୍ସରେ ହଠାତ୍ ନିଆଁ ଲାଗିଯାଇଥିଲା। ମାର୍କେଟ କମ୍ପ୍ଲେକ୍ସରେ ଥିବା ଗିଫ୍ଟ ଦୋକାନରୁ ନିଆଁ ଲାଗିବା ସ୍ଥାନୀୟ ଲୋକ ସୂଚ଼ନା ଦେଇଛନ୍ତି। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡିନଥିବା ବେଳେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ନିଆଁ ଯୋଗୁଁ ପୂରା ମାର୍କେଟ କମ୍ପ୍ଲେକ୍ସ ଧୂଆଁମୟ ହୋଇଯାଇଛି। ଘଟଣାସ୍ଥଳରେ ଫାୟାର ଷ୍ଟେସନ୍, କଳ୍ପନା ଛକ, ସଚ଼ିବାଳୟ ଦମକଳରୁ ପ୍ରଥମେଟି ଦମକଳ ଗାଡ଼ି ପହଞ୍ଚିଲା। ଘଟଣାସ୍ଥଳରେ ଫାୟାର ଫାଇଟର ଟିମ ପାଇଁ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ମାର୍କେଟ କମ୍ପ୍ଲେକ୍ସ ଭିତରକୁ ପାଣି ମାଡ଼ କରିଥିଲେ। ଧୂଆଁକୁ ନିର୍ଗତ କରିବା ପାଇଁ ଉଦ୍ୟମ କରିବା ସହ ଭିତର ପଶି ଆଗ୍ନିକାଣ୍ଡମାନେ ନିଆଁ ଲିଭାଇବାକୁ ଉଦ୍ୟମ କରୁଛନ୍ତି। ମାର୍କେଟ କମ୍ପ୍ଲେକ୍ସ କାଚ଼ ଭାଙ୍ଗି ଭିତକୁ ପାଣି ମାଡ଼ କରିଥିଲେ। ତେବେ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଥିଲା କି ନାହିଁ ଜଣାପଡିନାହିଁ। ତଦନ୍ତ ପରେ ନିଆଁ ଲିଭାର କାରଣ ଜଣାପଡ଼ିବ।

## ପୀତବାସ ପଣ୍ଡା ହତ୍ୟା ମାମଲା
## ୫ ଅଭିଯୁକ୍ତଙ୍କ ଜାମିନ ଖାରଜ୍

ବ୍ରହ୍ମପୁର: ପୀତବାସ ପଣ୍ଡା ହତ୍ୟା ମାମଲା,୫ଅଭିଯୁକ୍ତଙ୍କ ଜାମିନ ଖାରଜ୍ । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର ,ଶିଶୁପାଳ କୁମାର ପାଶୱାନ ଆଦି ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଏଡିଜେ -୩ କୋର୍ଟ ଜର୍ଜ୍ ଖାରଜ୍ କରିଛନ୍ତି । ଏନେଇ ସୂଚନା ଦେଇଛନ୍ତି ଅଭିଯୁକ୍ତଙ୍କ ଓକିଲ ଚକ୍ରପାଣି ନାହାକ ।

## ଗ୍ୟାସ ସିଲିଣ୍ଡର ଚୋରି କରି ଜଣେ ଗିରଫ

ଭୁବନେଶ୍ୱର,(ନିପ୍ର): ଗ୍ୟାସ ସିଲିଣ୍ଡର ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଶକ୍ତି ପ୍ରସାଦ ଦାସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଏନେଇ ରାଜ କିଶୋର ମହାପାତ୍ର ଥାନାରେ ଏତଲା ଦେଇଥିଲେ। ସୂଚ଼ନାଯୋଗ୍ୟ ଯେ, ଗତ ୦୯.୦୩.୨୦୨୬ ରାତି ପ୍ରାୟ ୧୦.୩୦ ସମୟରେ କସ୍‌ମୋପଲିସ, କେ-୫ ରେ ଅବସ୍ଥିତ "ରାଇସ୍ ବାଓ୍ୱଲ"ରେଷ୍ଟୁରାଣ୍ଟ ବନ୍ଦ କରିବା ସମୟରେ କର୍ମଚ଼ାରୀମାନେ ସାଧାରଣ ଭାବେ ଗ୍ୟାସ୍ ସିଲିଣ୍ଡର ଗୁଡ଼ିକର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସେମାନେ ମୋଟ ୦୫ଟି ବାଣିଜ୍ୟିକ ସିଲିଣ୍ଡର ଥିବା ବିଷୟ ନିଶ୍ଚିତ କରିଥିଲେ, ଯାହାମଧ୍ୟରୁ ୦୨ଟି ଖାଲି ଓ ୦୩ଟି ଭର୍ତ୍ତି ଥିଲା । ପରବର୍ତ୍ତୀ ଦିନ ସକାଳେ ରେଷ୍ଟୁରାଣ୍ଟ ଖୋଲିବା ସମୟରେ ସେମାନେ ଦେଖିଲେ ଯେ, ୦୩ଟି ଭର୍ତ୍ତି ଗ୍ୟାସ ସିଲିଣ୍ଡର ନାହିଁ ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କବିତା ଦିବସ




ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ କବିତା ଦିବସ ଓ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ. ଫନୀ ମହାନ୍ତି ଯୋଗଦେଇ ଜୀବନର ଅନୁଭବକୁ କବିତା କିପରି ବିଶ୍ୱସ୍ତ ଭାବେ ରୂପଦିଏ, ସେ ସଂପର୍କରେ ଉଲ୍ଲେଖ କରିଥିଲେ । ଭାରତୀୟ ବାଙ୍ମୟ ପରମ୍ପରା କବିତା ସୃଷ୍ଟି କରିବାରେ କିପରି ଉଦ୍‌ବୋଧନ ଦେଇଆସିଛି ତାହାର ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ରକ୍ଷକ ନାୟକ ଯୋଗଦେଇ କବିତାରେ ଜୀବନ ପ୍ରତି ଆମୁଖତା ଓ ଅନୁରାଗର କଥା କହିବା ସହ କବିତା କିଭଳି ଜୀବନରେ ବସନ୍ତର ରଙ୍ଗ ଭରିଦିଏ ତାହା ଉପରେ ମତବ୍ୟକ୍ତ କରିଥିଲେ । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଆ କବିତାର ବିଭିନ୍ନ କାବ୍ୟକୌଶଳ ଓ କବିମାନଙ୍କ ସାରସ୍ୱତ ଅବଦାନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଆଧୁନିକ କବିତାର ଧାରା ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ବିଶିଷ୍ଟ ସମାଲୋଚିକା ଡ. ମମତା ମଞ୍ଜରୀ ବାରିକ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ । ସେହିପରି ବିଶିଷ୍ଟ କବି ଡ. ମମତାରାଣୀ ବେହେରା ଉତ୍ତର ଆଧୁନିକ ଓଡ଼ିଆ କବିତାର ସ୍ୱର ସଂପର୍କରେ ଆଲୋଚନା କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ସୂଚନା ଦେବା ସହ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ ।

## ଦୁର୍ଘଟଣାରେ ଅବସରପ୍ରାପ୍ତ ଡ଼ାକ୍ତରଙ୍କ ମୃତ୍ୟୁ

ଭବାନୀପାଟଣା, (ନି.ପ୍ର): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଜାତୀୟ ରାଜପଥ ୨୬ ବଳଦିଆମାଲ ପେଟ୍ରୋଲ ପମ୍ପ ନିକଟରେ ଟ୍ରକ ପଛ ପଟେ ପିଟି ହେଲା ୱାଗନର କାର।ଏଥିରେ ଅବସର ଡ଼ାକ୍ତରଙ୍କ ମୃତ୍ୟୁ ହୋଇଛି। ମୃତକ ହେଇଛନ୍ତି ଅବସରପ୍ରାପ୍ତ ଧର୍ମଗଡ଼ ଏସଡିଏମଓ (ଉପଖଣ୍ଡ ଚିକିତ୍ସାଧିକାରୀ) ଡାକ୍ତର ହରିଶ୍ଚନ୍ଦ୍ର ପଧାନ (୮୦)। ନିଜ ଘରୁ ଭବାନୀପାଟଣାରୁ କାର ଯୋଗେ ଧର୍ମଗଡ଼କୁ ଆସୁଥିବାବେଳେ ବାଟରେ ବଳଦିଆମାଲ ପେଟ୍ରୋଲ ପମ୍ପ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ଅଟକି ରହିଥିବା ଏକ ଟ୍ରକ ସହିତ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ ଚାଳକ ଆହତ ହୋଇଛି। ତାଙ୍କ ପରଲୋକ ଖବର ଶୁଣି ଜିଲାରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ ଘଟଣା ସ୍ଥଳରେ ଜୁନାଗଡ଼ ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଦ୍ୱିତୀୟ ଅଯୋଧ୍ୟା ମହୋତ୍ସବ ତୃତୀୟ ଦିନରେ
# ସୁଲଭ ଶୌଚାଳୟ ଉଦ୍‌ଘାଟନ



ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ଗ୍ରାମରେ ଅବସ୍ଥିତ ଦ୍ୱିତୀୟ ଅଯୋଧ୍ୟା ମହୋତ୍ସବର ରାମନବମୀ ପାଳନ ଅବସରରେ ତୃତୀୟ ଦିନ ବିଶେଷ ପୂଜାପାଠ ସହିତ ଯଜ୍ଞ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କାର୍ଯ୍ୟକ୍ରମରେ,ପଣ୍ଡିତ କାମାଚାର୍ଯ୍ୟ,ପଣ୍ଡିତ ଶ୍ରୀନିବାସ ଦାସ, ବ୍ୟାସ ସୂର୍ଯ୍ୟନାରାୟଣ ଦାସ, ଦୀନବନ୍ଧୁ ଦାସ,ପୂର୍ଣ୍ଣାନନ୍ଦ ଦାସ ଏବଂ ଶାନ୍ତା ଦାସ ଙ୍କ ଦ୍ୱାରା ଯଜ୍ଞ ଏବଂ ପୂଜା କାର୍ଯ୍ୟକ୍ରମ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ପ୍ରବଚକ ସତ୍ୟ ଚୈତନ୍ୟ ଦାସଙ୍କ ପ୍ରବଚନରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।ଇତି ଅବସରରେ ରାମମନ୍ଦିର ପାରିପାର୍ଶ୍ୱିକ ସ୍ଥାନରେ ଶୁକ୍ରବାର ଦିନ ଏକ ସୁଲଭ ଶୌଚାଳୟ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି । ଉଲ୍ଲେଖଯୋଗ୍ୟ,ରାମମନ୍ଦିର ପାର୍ଶ୍ୱରେ କୌଣସି ଶୌଚାଳୟ ନ ଥିବାରୁ ଶ୍ରଦ୍ଧାଳୁ ମାନେ ବିଶେଷଭାବରେ ସ୍ନାନ,ଶୌଚ,ଗୋଡ଼ହାତ ଧୋଇବା ପାଇଁ ସମସ୍ୟା ର ସମ୍ମୁଖୀନ ହେଉଥିଲେ।ଏହାକୁ ଉପଲବ୍ଧି କରି ଏବଂ ଆଗକୁ ଭିଡ଼ ହେବାର ସମ୍ଭାବନା ଦେଖି ରାମମନ୍ଦିର ର ପ୍ରତିଷ୍ଠାତା ବେଣୁଧର ପ୍ରଧାନ ଏକ ଶୌଚାଳୟ ନିର୍ମାଣ କରି ଏହାକୁ ଆଜି ଲୋକାର୍ପଣ କରିଥିଲେ ।

## ବିଶ୍ୱ ପଖାଳ ଦିବସ



କଟକ: "ବିଶ୍ୱ ପଖାଳ ଦିବସ" ଉପଲକ୍ଷେ ମେୟର ସୁବାସ ସିଂହ ତାଙ୍କ ସରକାରୀ ଆବାସଠାରେ ବହୁ ଆଡ଼ମ୍ବରରେ "ପଖାଳ ଦିବସ" ପାଳନ କରିଛନ୍ତି । ଓଡ଼ିଶାର ପାରମ୍ପାରିକ ଖାଦ୍ୟ ପଖାଳ ଆଜିର ଦିନରେ ସବୁ ମହଲରେ ଆଦୃତ ହୋଇଛି। ଓଡ଼ିଶାର ଏହି ପାରମ୍ପାରିକ ଖାଦ୍ୟ କୋଟି କୋଟି ଓଡ଼ିଆଙ୍କ ସବୁଠାରୁ ବେଶି ପ୍ରିୟ ଖାଦ୍ୟ ଭାବେ ପରିଚିତ । ଓଡ଼ିଶାରେ ଧନୀ ଠାରୁ ଆରମ୍ଭ କରି ଗରିବ ପର୍ଯ୍ୟନ୍ତ ସବୁ ବର୍ଗର ଲୋକମାନଙ୍କର ଏହା ପ୍ରିୟ ଖାଦ୍ୟ । ଏହି ଦିବସକୁ ବ୍ୟାପକ ରୂପରେଖ ଦେବା ଓ ଓଡ଼ିଶାର ପାରମ୍ପାରିକ ଖାଦ୍ୟ ପଖାଳର ଆଦୃତି ବଢ଼ାଇବା ପାଇଁ ମେୟର ଶ୍ରୀ ସିଂହଙ୍କର ଏହା ଥିଲା ଏକ ଛୋଟ ପ୍ରୟାସ । ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସହିତ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ବିଶିଷ୍ଟ ସାହିତ୍ୟିକ ବିଜୟାନନ୍ଦ ସିଂ, ସମାଜସେବୀ ବ୍ରଜ ନନ୍ଦ, ସମାଜର ପୂର୍ବତନ ସଂପାଦକ ଡ ସତ୍ୟ ରାୟ ଓ ପ୍ରଭାସ ଆଚାର୍ଯ୍ୟ, ବିଶିଷ୍ଟ ଚିକିତ୍ସକ ଡ ଜୟନ୍ତ ପଣ୍ଡା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

ଭବାନୀପାଟଣା:(ନି.ପ୍ର): କଳାହାଣ୍ଡି ଜିଲ୍ଲାସ୍ତରୀୟ ପଖାଳ ଦିବସ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଆଜି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଓଡିଆଙ୍କର ପାରମ୍ପରିକ ପ୍ରିୟ ଖାଦ୍ୟ ପଖାଳ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ୍ ସୂଚନା ଦେଇ ପଖାଳ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା ନିହାରେନ୍ଦ୍ର ପଣ୍ଡା , ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ ,ଜିଲ୍ଲା ଯୋଗାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ବିଡିଓ ଭବାନୀପାଟଣା ଚନ୍ଦନ ଭୋଇ ପ୍ରମୁଖ ଯୋଗ ଦେଇ ପଖାଳ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ ।

ନିମାପଡ଼ା,: ନିମାପଡ଼ା ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ଥାନୀୟ ସାଇ ଲୋଟସ୍ ମଣ୍ଡପ ପରିସରରେ ବିଶ୍ୱ ପଖାଳ ଦିବସ-୨୦୨୬ ସମାରୋହରେ ପାଳିତ ହୋଇଯାଇଛି । କ୍ଲବ୍ ସଭାପତି ଅକ୍ଷୟ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ସଂପାଦକ ରମାକାନ୍ତ ବେହେରା ସ୍ୱାଗତ ସୂଚନା ଦେବା ସହିତ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ସାମାଜିକ ଅନୁଷ୍ଠାନ ସେଲ୍ଫ ଏମ୍ପାଓରମେଣ୍ଟ ସଦସ୍ୟ/ସଦସ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସ ମଧ୍ୟରେ ସଂପନ୍ନ ହୋଇଥିଲା । ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ପଟ୍ଟନାୟକ ଯୋଗ ଦେଇ ସାମ୍ବାଦିକମାନଙ୍କ ମଧ୍ୟରେ ଥିବା ଏକତା ଚିନ୍ତାଧାରା ନିମାପଡ଼ାର ବିକାଶରେ ସହଯୋଗ କରିବ ବୋଲି ଆଶା ପ୍ରକଟ କରିଥିଲେ। ଅନ୍ୟତମ ଅତିଥି ଭାବେ ନିମାପଡ଼ା କଲେଜ ଅବସରପ୍ରାପ୍ତ ଅଧକ୍ଷା ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ବସନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପଖାଳ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତିତ୍ୱ ରଖେ ବୋଲି ମତବ୍ୟକ୍ତ କରି ପଖାଳ ଦିବସ ସାମାଜିକ ଓ ସାଂସ୍କୃତିକ ପ୍ରଭାବ ଅତ୍ୟନ୍ତ ଗଭୀର ନେଇ ଉଦାହରଣ ଦେଇଥିଲେ ।

## କେଫ୍ୟୁ ପକ୍ଷରୁ ବାଲିସରା ଠାରେ ବନାଗ୍ନି ସଚେତନତା ସଭା

ଭବାନୀପାଟଣା (ନି.ପ୍ର): କଳାହାଣ୍ଡି ଏଜେନସି ଫର ଏନଭାରମେଣ୍ଟ ଏଣ୍ଡ ୱାଇଲ୍ଡ଼ ଲାଇଫ (କେଫ୍ୟୁ) ପକ୍ଷରୁ କଳାହାଣ୍ଡି ଦକ୍ଷିଣ ବନ ଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ସାଇସୁରନି ରେଞ୍ଜ ର ସେମେଲପଦର ବଳସରା ଠାରେ ବନାଗ୍ନୀ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । କେଫ୍ୟୁ ଓ ସାଇସୁରନି ବନାଞ୍ଚଳ ପକ୍ଷ ରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସେମେଲପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦୁର୍ଗା ଶଙ୍କର , ଗୁଣପୁର ମୋ ଜଙ୍ଗଲ ଯୋଜନା ର କ୍ଷେତ୍ର ଅଧିକାରୀ ମୁନ୍ନା ବାଗ, ବାଲିସରା ବନ ସୁରକ୍ଷା ସମିତ ସଦସ୍ୟ ଗଣ,କେଫ୍ୟୁ ସଂଗଠନ ର ପ୍ରତିଷ୍ଠାତା ସଦସ୍ୟ ପ୍ରକୃତିବନ୍ଧୁ ଡୋଳାମଣି ସାହୁ, ଗୁଣପୁର ଆଞ୍ଚଳିକ ବିକାଶ ପରିଷଦ ର ସଭାପତି ରଥ ଦୁରିଆ ବାଲିସରା ମହିଳା ସବୁଜ ବାହିନୀ ର ପୁଷ୍ପାଞ୍ଜଳି ମାଝୀ ଓ ବନରକ୍ଷୀ ରାମ ଚନ୍ଦ୍ର ଖମାରୀ ଓ ଗାଁ ର ଗଣ୍ୟମାନ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇ ବନାଗ୍ନୀ ସଚେତନତା ସଭା ଉପରେ ଆଲୋଚନା କରିଥିଲେ। ଜଙ୍ଗଲ ପୋଡିଯିବା ଦ୍ୱାରା ବିରଳ ଔଷଧି ଗଛ, ସରୀସୃପ, ବନ୍ୟପ୍ରାଣୀ ଓ ପକ୍ଷୀ ସମୂହ ପ୍ରାଣ ହରାଉଛନ୍ତି ଏବଂ ପୃଥିବୀ ରୁ ଏହା ଲୁପ୍ତପ୍ରାୟ ପ୍ରାଣୀ ଭାବରେ ଗଣତି ହେଉଥିବା ବିଷୟ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ମତାମତ ଦେଇଥିଲେ।

## କାଜୁ ତୋଟାରେ ନିଆଁ ଲଗାଇଲେ ଦୁର୍ବୃତ୍ତ



ହିଞ୍ଜିଳିକାଟୁ, (ନିପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ଘୋଡାହାଡ ନଦୀ ନିକଟସ୍ଥ ମହେଶ୍ୱର ବେହେରାଙ୍କ ପ୍ରାୟ ୧ ଏକରରୁ ଉର୍ଦ୍ଧ୍ୱ ଜମିରେ ଲାଗିଥିବା କାଜୁ ତୋଟାରେ କେହି ଦୁର୍ବୃର୍ତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ କାଜୁ ତୋଟାରେ ନିଆଁ ଲାଗିଥିବା ଖବର ପାଇ ମାଲିକ ଘଟଣା ସ୍ଥଳରେ ପହଞ୍ଚି ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ଲକ୍ଷାଧିକ ଟଙ୍କାର କାଜୁ ଗଛ ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ। କେହି ଦୁର୍ବୃର୍ତ୍ତ ହିଂସା ପରାୟଣ ହୋଇ କାଜୁ ତୋଟାରେ ନିଆଁ ଲଗାଇ ଦେଇଥିବା ନେଇ ମହେଶ୍ୱର ସନ୍ଦେହ କରିଛନ୍ତି।

# ବଜାରରେ ମିଳୁଥିବା ପାଣି ବୋତଲ କେତେ ସୁରକ୍ଷିତ !

## ସରକାରୀ ନିୟମକୁ ଅମାନ୍ୟ କରି ବିକ୍ରି ହେଉଛି ପାଣି ପାଉଚ ଓ ବୋତଲ



ବୋଲଗଡ଼, (ନିପ୍ର ): ଖୋର୍ଦ୍ଧାଜିଲ୍ଲା ବୋଲଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ବେଧଡ଼କ ଭାବେ ନକଲି ପାଣି ବୋତଲ, ପାଉଚ ବିକ୍ରି ଚାଲିଛି । ସେହିପରି ବୋଲଗଡ଼ ,ରାଜସୁନାଖଳା, ଧଳାପଥର ,ପିଚୁକୁଳି, ବାଙ୍କୋଇ ଭୀମପଡା ଅଞ୍ଚଳରେ ସଠିକ୍ ସରକାରୀ ନିୟମ ବିନା ପାଣି ପାଉଚ, ପାଣି ବୋତଲ ଓ ୨୦ ଲିଟର ପାଣି ଜାର ବିକ୍ରି ହେଉଥିବା କଥା ସାମ୍ନାକୁ ଆସିଛି। ଏହି ପାଣି ମାନବ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ତାହା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଚିନ୍ତା ବୃଦ୍ଧି ପାଇଛି। ବର୍ତ୍ତମାନ ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ଦୋକାନ ଓ ବଜାରରେ ମିଳୁଥିବା ୧୦ ଟଙ୍କିଆ ପାଣି ବୋତଲ ଓ ୨ ଟଙ୍କିଆ ପାଣି ପାଉଚ ଉପରେ ସାଧାରଣ ଲୋକ ବହୁ ପରିମାଣରେ ନିର୍ଭର କରୁଛନ୍ତି। କିନ୍ତୁ ଏହି ପାଣିର ଗୁଣବତ୍ତା କେମିତି, ଏହା କେଉଁଠାରେ ପ୍ରସ୍ତୁତ ହେଉଛି ଓ ସରକାରୀ ନିୟମରେ ମାନାଯାଉଛି କି ନାହିଁ—ତାହା ସଂପର୍କରେ ସ୍ୱଷ୍ଟତା ନଥିବାରୁ ଅନେକ ପ୍ରଶ୍ନ ଉଠୁଛି। ଅଭିଯୋଗ ଅନୁସାରେ କେତେକ ଅସାଧୁ ବ୍ୟବସାୟୀ ବାହାରୁ ନାମୀଦାମୀ କମ୍ପାନିର ଲୋଗୋ ଥିବା ଖାଲି ବୋତଲ ଓ ପ୍ୟାକେଟ କିଣି ତାହାରେ ଦୂଷିତ ଜଳ ପ୍ୟାକିଙ୍ଗ କରି ବଜାରକୁ ଛାଡୁଛନ୍ତି। ପରେ ଏହାକୁ ସିଲ୍ କରି ବିଭିନ୍ନ ଅଞ୍ଚଳରେ ବିକ୍ରି କରାଯାଉଛି ବୋଲି ମଧ୍ୟ ଅଭିଯୋଗ ରହିଛି। ଯାହା ଫଳରେ ଲୋକେ ଏହି ପାଣି ପିଇ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ସରକାରୀ ନିୟମ ଅନୁସାରେ ପାଣି ପାଉଚ କିମ୍ବା ବୋତଲ ପ୍ରସ୍ତୁତ କରିବା ପାଇଁ କମ୍ପାନିର ଟ୍ରେଡ୍‌ମାର୍କ, ପାଣିର ଗୁଣବତ୍ତା ପରୀକ୍ଷା ସାର୍ଟିଫିକେଟ, ଲାବୋରେଟୋରି ସର୍ଟିଫିକେଟ, ବିଏସଆଇ ଓ ଆଇଏସଆଇ ମାନ୍ୟତା ସହିତ ଫୁଡ୍ ଲାଇସେନ୍ସ ରହିବା ବାଧତାମୂଳକ। ଏହାସହ ପାଣିର ନମୁନା ଲ୍ୟାବରେ ପରୀକ୍ଷା କରି ମାନଦଣ୍ଡ ପୂରଣ କରିବା ଆବଶ୍ୟକ। କିନ୍ତୁ ଏହି ସମସ୍ତ ପ୍ରକ୍ରିୟା ବ୍ୟୟବହୁଳ ହେବାରୁ କେତେକ ବେନାମୀ କମ୍ପାନି ଏହାକୁ ଅମାନ୍ୟ କରି ବେଆଇନ ଭାବେ ପାଣି ବ୍ୟବସାୟ ଚଳାଇ ଆସୁଛନ୍ତି। ବୋଲଗଡ଼ ବ୍ଲକରେ ଅନେକ ପାଣି ଫ୍ୟାକ୍ଟ୍ରି ଉତ୍ପାଦନ କେନ୍ଦ୍ର ପାଖରେ ସରକାରୀ ଅନୁମତି ଅଛି କି ନାହିଁ ସେଥି ପ୍ରତି ମଧ୍ୟ ସନ୍ଦେହ ଉଠୁଛି। କେବଳ ଲୋକଦେଖାଣିଆ ଭାବେ ଫୁଡ୍ ଲାଇସେନ୍ସ ଲଗାଇ ଦୀର୍ଘଦିନ ଧରି ବେପାର ଚଳାଇ ଆସୁଥିବା ମଧ୍ୟ ଅଭିଯୋଗ ରହିଛି। ଅନ୍ୟପକ୍ଷରେ ଆଶ୍ଚର୍ଯ୍ୟର ବିଷୟ ହେଲା ସ୍ଥାନୀୟ ପ୍ରଶାସନ ତରଫରୁ ଆୟୋଜିତ କେତେକ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଏହି ପ୍ରକାର ପାଣି ପାଉଚ ଓ ବୋତଲ ବଣ୍ଟନ ହେଉଥିବା ଦେଖାଯାଇଛି। ଏହା ନେଇ ପ୍ରଶାସନର ଭୂମିକା ଉପରେ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବାକୁ ଯାଉଥିବାରୁ ପାଣି ପାଉଚ ଓ ବୋତଲର ଚାହିଦା ଆହୁରି ବୃଦ୍ଧି ପାଇବା ସ୍ୱାଭାବିକ। ତେଣୁ ଏହି ସମୟରେ ଯଦି ନକଲି ଓ ଦୂଷିତ ପାଣି ବିକ୍ରି ହୁଏ, ତେବେ ଏହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିପାରେ। ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବେଆଇନ ଭାବେ ପାଣି ପାଉଚ ଓ ବୋତଲ ପ୍ରସ୍ତୁତ କରୁଥିବା ସଂସ୍ଥାମାନଙ୍କ ଉପରେ କଡାକଡି ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସମାଜସେବୀ ଓ ଆଇନଜୀବୀଙ୍କ ମହଲରେ ଦାବି ଜୋର ଧରିଛି। ତେବେ ଆଗାମୀ ଦିନରେ ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ କେତେ ମାତ୍ରାରେ ସଚେତନ ହେଉଛି ତାହା ଦେଖିବାକୁ ବାକି ରହିଲା।



ବିଶ୍ୱ ପଖାଳ ଦିବସ: ପଖାଳ ଖାଇବାର ମଜା ନିଆରା... । (ଫଟୋ-ଦିନଲିପି)

# ମହିଳା ବିଶ୍ୱକପ୍ ପାଇଁ ଫିଫାର ନୂଆ ନିୟମ



ଜୁରିଚ୍, ୨୦।୩: ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ଫିଫା'ର ଏକ ନୂଆ ନିୟମ ଅନୁମୋଦନ ଲାଭ କରିଛି । ଏଣିକି ମହିଳା ବିଶ୍ୱକପ୍ ଓ ଅନ୍ୟ ଟୁର୍ଣ୍ଣାମେଣ୍ଟ ଗୁଡ଼ିକରେ ମହିଳା ଫୁଟ୍‌ବଲ କୋଚ୍ ମାନେ ଅଧିକ ସୁଯୋଗ ପାଇବେ। ଫିଫା କହିଛି, ମହିଳା ଟୁର୍ନାମେଣ୍ଟ ଗୁଡ଼ିକରେ ପ୍ରତ୍ୟେକ ଦଳରେ ଅତିକମ୍‌ରେ ଜଣେ ମୁଖ୍ୟ କୋଚ୍ କିମ୍ବା ସହକାରୀ କୋଚ୍ ରହିବେ। ୨୦୨୩ ମହିଳା ବିଶ୍ୱକପ୍‌ରେ ଭାଗ ନେଇଥିବା ୩୨ଦଳ ମଧ୍ୟରୁ ମାତ୍ର ୧୦ଟିରେ ଜଣେ ମହିଳା ମୁଖ୍ୟ କୋଚ୍ ଥିଲେ। ସେମାନଙ୍କ ମଧ୍ୟରେ ଫାଇନାଲରେ ପରାଜିତ ଇଂଲଣ୍ଡ ଦଳର ସାରିନା ୱିଗ୍‌ମାନ ଅନ୍ୟତମ। ଫିଫାର ଚିଫ୍ ଫୁଟ୍‌ବଲ ଅଫିସର ଜୁଲ୍ ଏଲିସ୍ ତାଙ୍କର ଏକ ବିବୃତିରେ କହିଛନ୍ତି, ଆମକୁ ଅଧିକ କାମ କରିବାକୁ ହେବ, ପରିବର୍ତ୍ତନର ବେଗ ଦ୍ରୁତତର ହେବ। ୟୁରୋପୀୟ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ୟୁଫା' ମହିଳା ଖେଳକୁ ଅଧିକ ଉନ୍ନତ କରିପାରିଛି । ମହିଳା ୟୁରୋପିଆନ ଚାମ୍ପିୟନଶିପ୍‌ରେ ଭାଗ ନେଉଥିବା ୧୬ଟି ଦଳ ମଧ୍ୟରୁ ଯଦିଓ ୭ଟି ଦଳରେ ଜଣେ ଲେଖାଏ ମହିଳା ମୁଖ୍ୟ କୋଚ୍ ଅଛନ୍ତି, ଯେଉଁ ଦଳରେ ପୁରୁଷ ମୁଖ୍ୟକୋଚ୍ ଅଛନ୍ତି, ସେହି ଦଳରେ ଜଣେ ମହିଳା କୋଚ୍ ଅନିବାର୍ଯ୍ୟ। ୱିଗ୍‌ମ୍ୟାନଙ୍କ ନେତୃତ୍ୱରେ ଇଂଲଣ୍ଡ ୟୁରୋପିଆନ ଟାଇଟଲ ବଜାୟ ରଖିଥିଲା, ଯାହା କି ତାଙ୍କର କ୍ରମାଗତ ତୃତୀୟ। ୧୯୯୭ରୁ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଜଣେ ମହିଳା ମୁଖ୍ୟ କୋଚ୍ ଭାବେ କ୍ରମାଗତ ୮ମ ଟାଇଟଲ। ୟୁରୋପୀୟ ନୀତିକୁ ସମଗ୍ର ବିଶ୍ୱସ୍ତରରେ ପ୍ରସାର କରିବାକୁ ଫିଫା ଚାହେଁ ବୋଲି ଏଲିସ କହିଛନ୍ତି ।

## ତୃତୀୟ ଟି୨୦: ଜିତିଲା ନ୍ୟୁଜିଲାଣ୍ଡ



ଅକ୍‌ଲାଣ୍ଡ, ୨୦।୩: ଶୁକ୍ରବାର ଖେଳା ଯାଇଥିବା ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୮ ଉଇକେଟରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଟମ୍ ଲଥାମ (୬୩)ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ଏବଂ ପ୍ରଥମ ଉଇକେଟରେ ଡେଭନ କନୱେ (୩୯)ଙ୍କ ସହ ୯୬ରନ୍‌ର ଯୋଗଦାନ ଦଳକୁ ଜିତାଇବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ନ୍ୟୁଜିଲାଣ୍ଡ ୨୨ବଲ୍ ବାକିଥାଇ ମାତ୍ର ୨ ଉଇକେଟ ବିନିମୟରେ ଦକ୍ଷିଣ ଆଫ୍ରିକା ସ୍କୋର ୧୩୬/୯କୁ ଅତିକ୍ରମ କରିଥିଲା। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ଅଗ୍ରଣୀ ଲାଭ କରିପାରିଛି। ସିରିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡର ୯୧ରନକୁ ଚେଜ୍ କରି ଦକ୍ଷିଣ ଆଫ୍ରିକା ୭ ଉଇକେଟରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବିପକ୍ଷ ଦଳକୁ ୧୦୭ ରନରେ ଅଲଆଉଟ କରି ନ୍ୟୁଜିଲାଣ୍ଡ ୬୮ରନରେ ମ୍ୟାଚ ଜିତି ନେଇଥିଲା।

## ୨ରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୦।୩: ଆସନ୍ତା ଏପ୍ରିଲ ୨ ତାରିଖରେ ଆୟୋଜିତ ହେବାକୁ ଥିବା 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଅଭିଭାବକଙ୍କୁ ଆହ୍ୱାନ ଦେଇଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ଅଭିଯାନରେ ଗୁଣାତ୍ମକ ଶିକ୍ଷା ହେଉଛି ଆମର ସବୁଠାରୁ ବଡ଼ ସମ୍ବଳ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନୂତନ ଶିକ୍ଷା ନୀତିର ସଫଳ ରୂପାୟନ କରିବାରେ ଓଡ଼ିଶା ଆଜି ଦେଶର ଅଗ୍ରଣୀ ରାଜ୍ୟ ସାଜିଛି। ଆମ ସରକାରଙ୍କ ଦ୍ୱାରା ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଆରମ୍ଭ କରାଯାଇଥିବା 'ଶିଶୁ ବାଟିକା' କେବଳ ଏକ ଶିକ୍ଷା କେନ୍ଦ୍ର ନୁହେଁ, ବରଂ ଆମ ପିଲାମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତର ଏନ୍ତୁଡ଼ିଶାଳ ।ଆସନ୍ତା ଏପ୍ରିଲ ୨ ତାରିଖରେ ଆୟୋଜିତ ହେବାକୁ ଥିବା 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମୁଁ ସମସ୍ତ ଅଭିଭାବକଙ୍କୁ ଆହ୍ୱାନ କରୁଛି। 'ଆସ ସ୍କୁଲ ଯିବା ଅଭିଯାନ' ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ।

### ଚାଲିଛି ଜୋରଦାର ପ୍ରସ୍ତୁତି

## ମାର୍ଚ୍ଚ ୨୫ରୁ ରତ୍ନ ଭଣ୍ଡାରରେ ଗଣତିମଣତି

ପୁରୀ, ୨୦।୩: ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଗଣତିମଣତି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୫ ତାରିଖ ବୁଧବାର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ହେବ । ମାହେନ୍ଦ୍ର ବେଳା ଚୈତ୍ର ଶୁକ୍ଳ ସପ୍ତମୀ ତିଥି ୧୨.୦୯ ରୁ ୧.୪୫ ଗଣତି ଆରମ୍ଭ ହେବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡାକ୍ତର ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ହାଇକୋର୍ଟ ଗଣତିମଣତି ଶେଷ ପାଇଁ ୩ ମାସ ସମୟ ଦେବାପରେ ରାଜ୍ୟ ସରକାରଙ୍କ ତରଫରୁ ତତ୍ପରତା ପ୍ରକାଶ ପାଇଛି। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତିର ଭିଡ଼ିଓଗ୍ରାଫି, ଫଟୋଗ୍ରାଫି , ଥ୍ରୀଡି ମ୍ୟାପିଂ ହେବ । ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଗଣତିମଣତି ହେବ । ସ୍ୱର୍ଣ୍ଣ ଅଳଙ୍କାର ହଳଦିଆ ରଙ୍ଗର ଭେଲଭେଟ କନାରେ ଗୁଡ଼ାଯାଇ ଟିଣ ବାକ୍ସ ଓ ପରେ ତାକୁ ସିନ୍ଦୁକରେ ରଖାଯିବ । ସେହିପରି ରୌପ୍ୟ ଅଳଙ୍କାର ଧଳା ବା ସିଲଭର ରଙ୍ଗ ଓ ଅନ୍ୟାନ୍ୟ ଅଳଙ୍କାର ଲାଲ ରଙ୍ଗ ଭେଲଭେଟ କନାରେ ଗୁଡ଼ାଯାଇ ରଖାଯିବ । କେବଳ ମେଳକ ,ଗଣତି କରାଯିବ । କୌଣସି ମୂଲ୍ୟାୟନ ହେବ ନାହିଁ । ଗଣତିମଣତି କେବେ ସଂପୂର୍ଣ୍ଣ ହେବ ତାହାର କୌଣସି ନିର୍ଦ୍ଦିଷ୍ଟ ତାରିଖ ଦିଆଯାଇ ନାହିଁ । ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ ସୁପରଭାଇଜିଂ ଟିମ୍ ଏବଂ ହ୍ୟାଣ୍ଡଲିଂ ଟିମ୍ ଏହିଭଳି ଦୁଇଟି ଟିମ୍ ଗଠିତ ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ କ୍ଷମତା ୧୦୦ କୋଟିକୁ ବଢ଼ିଲା

ଭୁବନେଶ୍ୱର, ୨୦।୩: ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ଜିଲ୍ଲାପାଳ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀମାନଙ୍କ ଆର୍ଥିକ କ୍ଷମତା ବଢ଼ାଇଛନ୍ତି। ମୁଖମନ୍ତ୍ରୀଙ୍କ ଆର୍ଥିକ କ୍ଷମତାକୁ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରସ୍ତାବ ୧୦୦ କୋଟି ଟଙ୍କା ଟପିଲେ କ୍ୟାବିନେଟ୍ ଅନୁମୋଦନ ଆବଶ୍ୟକ ହେବ। ମନ୍ତ୍ରୀମାନଙ୍କୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ କ୍ରୟ ନିଷ୍ପତ୍ତି ନେବା କ୍ଷମତା ଦିଆଯାଇଛି। ଏନେଇ ଆର୍ଥିକ କ୍ଷମତା ନିୟମାବଳୀ ୧୯୭୮ରେ ସଂଶୋଧନ କରାଯାଇଛି। ସେହି ସଂଶୋଧନ ତତ୍କାଳ ଲାଗୁ କରାଯାଇଛି ।ଅର୍ଥ ବିଭାଗ ସୂଚନା ମୁତାବକ ସାମଗ୍ରୀ କ୍ରୟ, କନସଲ୍‌ଟାନ୍ସି ସେବା ଓ ସେବାର ଆଉଟ୍‌ସୋର୍ସିଂ ଭଳି ତିନି ପ୍ରକାର ବିଷୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସଚିବଙ୍କ ପର୍ଯ୍ୟନ୍ତ ଆର୍ଥିକ କ୍ଷମତା ବୃଦ୍ଧି କରାଯାଇଛି। ବିଭାଗୀୟ ମୁଖ୍ୟମାନେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ କ୍ରୟ ଓ ୧ କୋଟି ଟଙ୍କା ପର୍ଯ୍ୟନ୍ତ କନ୍‌ସଲ୍‌ଟାନ୍ସି ଓ ଆଉଟ୍‌ସୋର୍ସିଂ ସେବା ମଞ୍ଜୁର କରିପାରିବେ।

**AFFIDAVIT**

By virtue of an affidavit sworn before The Executive Magistrate, Rourkela dtd 12.03.2026. I, Gita Bhagat W/o-Ramanandb Bhagat, At-Dumerjor, Kansbahal, Ps-Biramitrapur, Dist-Sundargarh, Odisha do hereby declare that I have changed my name from Geeta Oram to Gita Bhagat. As per my maiden name Geeta Oram & my marriage name Gita Bhagat are one & same person. Henceforth I shall be known as Gita Bhagat for all purposes.

Sd/-Gita Bhagat

### ଅନ୍ତର୍ଜାତୀୟ ସମ୍ମିଳନୀ ଉପରେ ରିପୋର୍ଟ

## "ପୁନଃଚିନ୍ତନ ବିକାଶ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀ : ଏକ ସମାଜତାତ୍ତ୍ୱିକ ପ୍ରତିଫଳନ"

ଭୁବନେଶ୍ୱର, ୨୦।୩(ପିଆଇବି): ଦ୍ୱିତୀୟ ଦିନର ପ୍ରଥମ ପୂର୍ଣ୍ଣାଙ୍ଗ ଅଧିବେଶନ "ବିକାଶ, ବିସ୍ଥାପନ ଏବଂ ପ୍ରତିଯୋଗିତା" ଉପରେ ଥିଲା, ଯାହାର ଅଧ୍ୟକ୍ଷତା ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗର ପୂର୍ବତନ ପ୍ରଫେସର ପ୍ରଫେସର ବାଲଗୋବିନ୍ଦ ବାବୁ କରିଥିଲେ। ଏହି ଅଧିବେଶନରେ ସାତ ଜଣ ପ୍ୟାନେଲିଷ୍ଟ ଥିଲେ। ପ୍ୟାନେଲିଷ୍ଟଙ୍କ ମଧ୍ୟରୁ ଜଣେ ଅଖିଳ କୁମାର ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଜେନେରାଲ, ଭୁବନେଶ୍ୱର ୨୧ ଶତାବ୍ଦୀରେ ଗଣମାଧ୍ୟମ ଏବଂ ବିକାଶର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଡକ୍ଟର ବୀରେନ୍ଦ୍ର ସୁନା 'ସ୍ୱଦେଶୀ ନୀତିଶାସ୍ତ୍ର, ସାମୂହିକ ଲକ୍ଷ୍ୟ ଏବଂ ଓଡ଼ିଶାରେ ତୃଣମୂଳ ଶାସନ 'ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଡକ୍ଟର ସୀମା ମଲ୍ଲିକ, ଡକ୍ଟର ସ୍ୱପ୍ନପ୍ରଭୁ, ଡକ୍ଟର ଧୀରଜ କୁମାର, ଡକ୍ଟର ଶୁଭାସିସ୍ ସାହୁ ଏବଂ ଡକ୍ଟର ଧନଞ୍ଜୟ କୁମାର ଭାରତରେ ଆଦିବାସୀ ଜ୍ଞାନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପୂର୍ଣ୍ଣାଙ୍ଗ ଅଧିବେଶନ "ପରିବେଶ, ପରିବେଶ ବିଜ୍ଞାନ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀ" ଉପରେ ଥିଲା। ଏଥିରେ ଆଇଆଇଟି କାନପୁରର ପୂର୍ବତନ ପ୍ରଫେସର ବିନୟ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ ଏବଂ ଏଥିରେ ଛଅ ଜଣ ପ୍ୟାନେଲିଷ୍ଟ ସାମିଲ ଥିଲେ। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ନାଗରାଜୁ ଗୁଣ୍ଡିମେଡା, ଶ୍ରୀଲଙ୍କା ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗରୁ ଡକ୍ଟର ଉପୁଲ ଲେକାମଗେ, ଆମେରିକାର ବିଶ୍ୱ କଳା ଏବଂ ବିଜ୍ଞାନ ଏକାଡେମୀର ପ୍ରଫେସର ଥମାସ ୱୁଟର, ଆମେରିକାର ସାଣ୍ଟା କ୍ରୁଜ୍‌ର କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ଏବଂ ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ-ନାଟାଲ ବିଶ୍ୱବିଦ୍ୟାଳୟର ଜୟନାଥନ ଗୋଭେଣ୍ଡର ଭର୍ଚୁଆଲି ପୂର୍ଣ୍ଣ ଆଲୋଚନାରେ ଯୋଗ ଦେଇଥିଲେ।

## ଜିନ୍ଦଲ ଷ୍ଟିଲ ପକ୍ଷରୁ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ



ଅନୁଗୁଳ, ୨୦।୩(ନିପ୍ର): ଜିନ୍ଦଲ ଷ୍ଟିଲର ଅଧକ୍ଷା ଏମିରେଟସ୍ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ବେଶ ଉତ୍ସାହର ସହ ପାଳନ କରାଯାଇଛି । ଜନ୍ମଦିନ ଉତ୍ସବ ପାଳନ ଅବସରରେ ବିଭିନ୍ନ ମାନବକଲ୍ୟାଣଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ଉପସ୍ଥିତ ରହି ଅନୁଗୁଳ ଜିଲ୍ଲାର ବିଭିନ୍ନ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ଅନ୍ତେବାସୀଙ୍କ ସହିତ ସମୟ ବିତାଇବା ସହ ଏକାଠି ଭୋଜନ କରିଥିଲେ । ଏହା ସହିତ ବୃଦ୍ଧବୃଦ୍ଧା ଏବଂ ପିଲାମାନଙ୍କୁ ସ୍ନେହ ବାଣ୍ଟିବା ସହ ଯଥାସମ୍ଭବ ସହାୟତା ମଧ୍ୟ ପ୍ରଦାନ କରିଥିଲେ । ଜନ୍ମଦିନ ପାଳନ ଅବସରରେ ଅନୁଗୁଳ ପ୍ରକଳ୍ପ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇସ୍ପାତ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଏବଂ ମିଲ୍ସ) ହୃଦୟେଶ୍ୱର ଝା ଏବଂ ସଭାପତି (ମାନବ ସମ୍ବଳ) ଦିଲୀପ ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ସମସ୍ତ କର୍ମବୀର ଏବଂ ସଂପ୍ରଦାୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସମସ୍ତେ ସାବିତ୍ରୀ ଜିନ୍ଦଲଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ମଙ୍ଗଳକାମନା କରିଥିଲେ ।

### ଆରଏସ୍ଏସ୍‌ର ଶତାବ୍ଦୀ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

## ଓଡ଼ିଶାରେ ୩୦ ଲକ୍ଷ ପରିବାର ସହିତ ସଂପର୍କ ଯୋଡ଼ିହେଲା




ଭୁବନେଶ୍ୱର, ୨୦।୩: ଗତ ମାର୍ଚ୍ଚ ୧୩,୧୪,୧୫ ତିନିଦିନ ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ହରିୟାଣାର ସମାଲଖାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରାପ୍ତ ସୂଚନା ଅନୁଯାୟୀ ସଂଘକୁ ଶତେବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱୟଂସେବକମାନେ ଦେଶରେ ୩,୯୦,୦୦୦ ଗ୍ରାମ ତଥା ସହରାଞ୍ଚଳର ୩୧,୫୦୦ ବସତିକୁ ଯାଇ ପ୍ରତ୍ୟେକ ଗୃହର ସଦସ୍ୟମାନଙ୍କୁ ଭେଟିଥିଲେ । ଏହି ଗୃହ ସଂପର୍କ ଅଭିଯାନରେ ପ୍ରାୟ ୧୦ କୋଟି ପରିବାର ସହ ସଂପର୍କ କରାଯାଇଥିଲା । ସେହିପରି ଓଡିଶାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱୟଂସେବକ ମାନେ ୩୧୬୪୫ ଗ୍ରାମ ତଥା ୭୪୨ ନଗରୀୟ ବସତିରେ ୩୦ ଲକ୍ଷ ପରିବାର ସହ ସଂପର୍କ କରିଥିଲେ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱୟଂସେବକମାନେ ସମାଜର ବନ୍ଧୁ ଭଗିନୀମାନଙ୍କୁ ବିଗତ ଏକ ଶହ ବର୍ଷ ଧରି ସମାଜ ଜୀବନରେ ସକ୍ରିୟ ଥିବା ସଂଘର ଉଦ୍ଦେଶ୍ୟ ତଥା ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇ ସେମାନଙ୍କୁ ଦେଶର ହିତ ପାଇଁ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଆଜି ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ ଯେ, ଓଡିଶା ସମେତ ସମଗ୍ର ଦେଶରେ ବିଭିନ୍ନ ସ୍ଥାନରେ ହିନ୍ଦୁ ସମ୍ମିଳନୀ, ଯୁବା ସମ୍ମିଳନୀ ଓ ସାମାଜିକ ସଦ୍‌ଭାବ ବୈଠକମାନ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ପଞ୍ଚ ପରିବର୍ତ୍ତନ, ଯଥା: ସାମାଜିକ ସମରସତା ବା ଭେଦଭାବର ସମାପ୍ତି, ପରିବାର ପ୍ରବୋଧନ ବା 'ପରିବାର ଏକ ସଂସ୍କାରକେନ୍ଦ୍ର' ଭାବର ବିକାଶ, ପର୍ଯ୍ୟାବରଣର ସୁରକ୍ଷା, 'ସ୍ୱ' ଜାଗରଣ ଅର୍ଥାତ ସମାଜର ଉନ୍ନତିରେ ବାଧକ ଉପନିବେଶବାଦ ମାନସିକତାରୁ ମୁକ୍ତି ଏବଂ ନାଗରିକ କର୍ତ୍ତବ୍ୟ ସମ୍ପର୍କରେ ଜନ ସଚେତନତା ନିର୍ମାଣ କରାଯାଇଥିଲା । ଓଡିଶାରେ ୧୩୯୮ ସ୍ଥାନରେ ହିନ୍ଦୁ ସମ୍ମିଳନୀ, ୭୩ ସ୍ଥାନରେ ଯୁବା ସମ୍ମିଳନୀ ଓ ୨୨୭ ସ୍ଥାନରେ ସାମାଜିକ ସଦ୍‌ଭାବ ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ୫ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୨୦।୩: ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲର ନରସିଂହ ପ୍ରଧାନ, ସନ୍ତୋଷ ବଡ଼ତ୍ୟାଙ୍କର ଦୁଃଖଦ ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲା ସୋରଡ଼ା ତହସିଲର ଶଙ୍କର ଗୌଡ଼, ସିଲୁ ମୁଳି, ଟୁଲୁ ଗୌଡ଼ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

### ଏସସିବି ଅଗ୍ନିକାଣ୍ଡ ପ୍ରସଙ୍ଗ

## ଚତୁର୍ଥ ଦିନରେ ବି ଗୃହ ଅଚଳ

ଭୁବନେଶ୍ୱର, ୨୦।୩: ବିଧାନସଭା ଅଧିବେଶନର ଚତୁର୍ଥ ଦିନରେ ଏସସିବି ଅଗ୍ନିକାଣ୍ଡ ପ୍ରସଙ୍ଗ ନେଇ ପୁଣି ଅଚଳ ହୋଇପଡିଛି ଗୃହ । ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି ଜୋର୍‌ଦାର କରିଥିଲେ। କଟକ ଏସସିବି ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ପୂର୍ବ ତିନି ଦିନ ଧରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ବିଧାନସଭା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଚତୁର୍ଥ ଦିନରେ ମଧ୍ୟ ସମାନ ଅବସ୍ଥା। ଗୃହ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ପୋଷ୍ଟର ଓ ବ୍ୟାନର ଧରି ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଅଧାରିତ ବହୁ ସ୍ଲୋଗାନରେ ଗୃହ ପ୍ରକମ୍ପିତ ହୋଇଥିଲା ।ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଚେଷ୍ଟା କରିଥଲେ। ସେହିଭଳି କଂଗ୍ରେସ ସଦସ୍ୟମାନେ ମଧ୍ୟ ବାଚସ୍ପତିଙ୍କ ଆସନ ପାଖକୁ ଯିବାକୁ ଉଦ୍ୟତ ହୋଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା । ଫଳରେ ସୁରକ୍ଷାକର୍ମୀମାନେ ହସ୍ତକ୍ଷେପ କରି ସଦସ୍ୟମାନଙ୍କୁ ରୋକିଥିଲେ। ହଟ୍ଟଗୋଳ ମଧ୍ୟରେ ଗଣଶିକ୍ଷା ବିଭାଗର ପ୍ରଶ୍ନକାଳ ଚାଲିଥିବାବେଳେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରଖିଥିଲେ। ପରେ ଉଚ୍ଚ ଶିକ୍ଷା ବିଭାଗରେ ଜାତୀୟ ଶିକ୍ଷା ନୀତି–୨୦୨୦ ଅନୁପାଳନ ସମ୍ପର୍କିତ ପ୍ରଶ୍ନରେ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଉତ୍ତର ଦେଇଥିଲେ।

## ଶୁଭେନ୍ଦୁ ଶେଖରଙ୍କୁ ଗୁରୁରତ୍ନ ସମ୍ମାନ



କୁଚିଣ୍ଡା, ୨୦।୩: ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ତୁରେଇ ପଞ୍ଚାୟତ ମାଣ୍ଡିଆପୁରା ଗ୍ରାମର ଶୁଭେନ୍ଦୁ ଶେଖର ପୃଷ୍ଟେଙ୍କୁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ୩ୟ କଳିଙ୍ଗ ସେବାରତ୍ନ ଓ ଗୁରୁରତ୍ନ ସମ୍ମାନ ସମାରୋହରେ ବୁଧବାର ଗୁରୁରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀ ପୃଷ୍ଟେ କୁଚିଣ୍ଡା ସ୍ଥିତ ଏକ ଘରୋଇ ଇଂଲିଶ ସ୍କୁଲରେ ଶିକ୍ଷକତା କରନ୍ତି। ତୃଣମୂଳ ସ୍ତରରୁ ପିଲାଙ୍କ ବୌଦ୍ଧିକ ଓ ଚାରିତ୍ରିକ ପରିବର୍ତ୍ତନରେ ତାଙ୍କର ଅଗ୍ରଣୀ ଭୂମିକା ରହିଥିବା ବେଳେ ଉତ୍ତମ ସେବା ପାଇଁ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ଶୁଭେନ୍ଦୁଙ୍କ ଏହି ସମ୍ମାନ ପାଇଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

### ନିଶାଦ୍ରବ୍ୟ ବିରୋଧରେ ଓଡ଼ିଶା ପୋଲିସର ଐତିହାସିକ ସଫଳତା

# ବର୍ଷକରେ ୧,୪୪୪ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଚାଷ ନଷ୍ଟ

### ୧୮୬୨ ଲିଟର ଗଞ୍ଜେଇ ତେଲ ଜବତ, ୬୫୪ ଆନ୍ତଃରାଜ୍ୟ ନିଶା ବେପାରୀ ଗିରଫ

ଭୁବନେଶ୍ୱର, ୨୦।୩: ଓଡ଼ିଶା ପୋଲିସ ୦୧.୦୧.୨୦୨୫ ଠାରୁ ୨୮ ଫେବୃୟାରୀ ୨୦୨୬ ପର୍ଯ୍ୟନ୍ତ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଅଭୂତପୂର୍ବ ସଫଳତା ହାସଲ କରିଛି। ଏହି ସମୟସୀମାରେ ପ୍ରାୟ ୧,୪୪୪ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଚାଷକୁ ଧ୍ୱଂସ କରାଯିବା ସହିତ, ୧,୩୪୬ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ, ୨୦୦ କୋଟି ଟଙ୍କା ମୂଲ୍ୟର ୧,୮୬୨ ଲିଟର ଗଞ୍ଜେଇ ତେଲ, ୪୧.୭ କୋଟି ଟଙ୍କା ମୂଲ୍ୟର ବ୍ରାଉନ ସୁଗାର ଏବଂ ୧୦.୧୭ କୋଟି ଟଙ୍କା ମୂଲ୍ୟର କଫ ସିରପ ଜବତ କରାଯାଇଛି। ଏହା ସହିତ, ୬୫୪ ଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଓଡ଼ିଶା ପୋଲିସର ସୁନିୟୋଜିତ ଓ ସ୍ୱତନ୍ତ୍ର ରଣନୀତିର ଫଳସ୍ୱରୂପ ରାଜ୍ୟରେ ନିଶା ମାଫିଆ ନେଟୱର୍କକୁ ଧ୍ୱଂସ କରାଯାଇଛି ବୋଲି ଭୁବନେଶ୍ୱରସ୍ଥିତ ପୋଲିସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି । ରାଜ୍ୟରେ ନିଶାଦ୍ରବ୍ୟ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ଓଡିଶା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ୧ ଏପ୍ରିଲ ୨୦୨୬ ଠାରୁ ଆରମ୍ଭ କରାଯିବ। ଆଗାମୀ ୩ ବର୍ଷ ମଧ୍ୟରେ ରାଜ୍ୟରୁ ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ସମ୍ପୂର୍ଣ୍ଣ ମୁଳୋତ୍ପାଟନ କରିବା ହେଉଛି ଆମର ଲକ୍ଷ୍ୟ ବୋଲି ଡିଜିପି କହିଥିଲେ । ରାଜ୍ୟରେ ଗଞ୍ଜେଇ ଚାଷ ଓ ଚୋରାଚାଲାଣ ମୁଖ୍ୟତଃ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଦେଖିବାକୁ ମିଳୁଥିବା ବେଳେ ନକ୍ସଲମାନଙ୍କ ପାଇଁ ଏହା ସହଜ ରୋଜଗାରର ମାଧ୍ୟମ ହୋଇଥିଲା। ଘନ ଜଙ୍ଗଲ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ କରି ଅସାମାଜିକ କାର୍ଯ୍ୟକଳାପକୁ ଜାରି ରଖୁଥିଲେ। ଓଡ଼ିଶା ପୋଲିସର ନିରନ୍ତର ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନର ଫଳସ୍ୱରୂପ, ଯେଉଁ ନକ୍ସଲ ଗୋଷ୍ଠୀ ଏକଦା ୧୨ଟି ଜିଲ୍ଲାରେ ସକ୍ରିୟ ଥିଲେ, ସେମାନେ ଏବେ ମାତ୍ର ୨-୩ ଟି ଜିଲ୍ଲାରେ ସୀମିତ ଅଛନ୍ତି । ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗଜପତି, ରାୟଗଡ଼ା ଓ କୋରାପୁଟ ଭଳି ଜିଲ୍ଲାରେ ଗଞ୍ଜେଇ ଚାଷ ୫୦ % ହ୍ରାସ ପାଇଛି। ୧ ଜାନୁୟାରୀ ୨୦୨୫ ଠାରୁ ୨୦୨୬ ଫେବୃୟାରୀ ୨୮ ମଧ୍ୟରେ ସାରା ରାଜ୍ୟରେ ରେକର୍ଡ ସଂଖ୍ୟକ ମୋଟ ୪୮,୧୬୦ ଏକର ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧,୪୪୪ କୋଟି ଟଙ୍କାରୁ ଅଧିକ। ୨୦୨୫ ମସିହାରେ ୬୭୦ ମାମଲା ରୁଜୁ କରାଯାଇ ୭ ଜଣଙ୍କୁ ଗିରଫ କରାଯିବା ସହ ୨୯,୪୯୩ ଏକର ନଷ୍ଟ ଏବଂ ୨୦୨୬ ମସିହା ଫେବୃୟାରୀ ୨୮ ତାରିଖ ମଧ୍ୟରେ ୩୫୭ ମାମଲା ରୁଜୁ କରାଯାଇ ୨୮ ଜଣଙ୍କୁ ଗିରଫ କରାଯିବା ସହ ୧୮,୬୬୭ ଏକର ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି । ସେହିପରି ସାରା ରାଜ୍ୟରେ ୨,୬୯,୧୬୬ କେଜି ଗଞ୍ଜେଇ ଜବତ କରାଯାଇଛି, ଯାହାର ବଜାର ମୂଲ୍ୟ ୧୩୪୬ କୋଟି ଟଙ୍କାରୁ ଅଧିକ ହେବ । ୨୦୨୫ ମସିହାରେ ୧୩୮୯ ଟି ମାମଲା ରୁଜୁ କରାଯାଇ ୧୯୯୧ ଜଣଙ୍କୁ ଗିରଫ କରାଯିବା ସହ ୧,୯୫,୧୩୦ କେଜି ଗଞ୍ଜେଇ ଜବତ କରାଯାଇଥିଲା । ୨୦୨୬ ମସିହା ଫେବୃୟାରୀ ୨୮ ତାରିଖ ମଧ୍ୟରେ ୨୧୭ ମାମଲା ରୁଜୁ କରାଯାଇ ୩୪୩ ଜଣଙ୍କୁ ଗିରଫ କରାଯିବା ସହ ୭୪,୦୩୬ କେଜି ଗଞ୍ଜେଇ ଜବତ କରାଯାଇଛି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ